### ବଲାଙ୍ଗିରରେ ଧାନକିଣା

# ୯୦ ହଜାର ୯୦୭ ଚାଷୀ ବିକିଲେ ୪୦ ଲକ୍ଷ ୭୩ ହଜାର କୁଇଣ୍ଟାଲ ଧାନ

**ବଲାଙ୍ଗିର, ୧୩।୨(ସମିସ)**

ବଲାଙ୍ଗିର ଜିଲପ୍ର ପ୍ରାୟ ସମସ୍ତ ମଣ୍ଡିରେ ଧାନକିଣା ପ୍ରକ୍ରିୟା ଶେଷ ହୋଇଛି। ମଣ୍ଡିମାନଙ୍କୁ ଦୁଇଟି ପର୍ଯ୍ୟାୟରେ ଦିଆଯାଇଥିବା ଟାର୍ଗେଟ ପୂରଣ ହୋଇଥିବା ବେଳେ ଏହି ଟାର୍ଗେଟ ଯଦିଓ ଚାଷୀମାନଙ୍କ ଧାନରେ ପୂରଣ ହୋଇଥିବା କାଗଜପତ୍ରରେ ଦର୍ଶାଯାଇଛି କିନ୍ତୁ ଅସଲରେ ଏହା ବେପାରୀ ମାନଙ୍କ ଧାନରେ ପୂରଣ ହୋଇଥିବା ଆଲୋଚନା ହେଉଛି। ଧାନକିଣା ଆରମ୍ଭରୁ ହିଁ ଚଳିତ ଖରିଫ ଧାନକିଣା ପ୍ରକ୍ରିୟାରୁ ଦୁର୍ନୀତି ଗନ୍ଧ ସ୍ପଷ୍ଟ ବାରି ହୋଇଥିଲା। ଧାନକିଣା ପୂର୍ବରୁ ବିଜେପି ସାଂସଦ ଙ୍କ ନାମରେ ମିଲରଙ୍କ ସହ ଗୁପ୍ତ ବୁଝାମୁଣା ଅଭିଯୋଗ ଆଲୋଚନାର ବିଷୟ ପାଲଟିଥିଲା। ଯାହାର ପ୍ରତିଫଳନ ସିଧାସଳଖ ଚଳିତ ଧାନକିଣାରେ ସ୍ପଷ୍ଟ ହୋଇଛି। ଅନେକ ଅନିୟମିତତା, ସରକାରୀ ନିର୍ଦ୍ଦେଶର ବେଖାତିର ଅଭିଯୋଗ ସତ୍ତ୍ୱେ ଗୋଟିଏ ବି ମଣ୍ଡି କିମ୍ବା ମିଲର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଏତେ ପରିମାଣର ଧାନ ଓ ଚାଷୀ ଆସିଲେ କେଉଁଠୁ ଯାହାଙ୍କର କାର୍ଡରେ ଧାନ ଟାର୍ଗେଟ ପୁରିଲା ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

ଆସନ୍ତା ବର୍ଷ ଠାରୁ ଧାନ ବିକ୍ରୀ ପାଇଁ ହେଉଥିବା ପଞ୍ଜୀକରଣରେ ସଂସ୍କାର ଅଣାଯିବ ବୋଲି ରାଜ୍ୟ ସରକାର ଆସୁ ଆସୁ ନିଷ୍ପତ୍ତି ନେଇଥିଲେ। ଅର୍ଥାତ ସରକାର ମଧ ଚାଷୀ ପଞ୍ଜୀକରଣରେ ଅହେତୁକ ଅନିୟମିତତା ହୋଇଥିବା ସ୍ପଷ୍ଟ ରହିଛନ୍ତି। ତେବେ ଚଳିତ ଖରିଫରେ ନକଲି ଚାଷୀ ଥିବା ସତ୍ତ୍ୱେ ଧାନ କିଣା ହେଲା କେମିତି। ଏହି ପ୍ରଶ୍ନ ଉଠିବା ମଧ ସ୍ୱାଭାବିକ। କାହିଁକିନା ବଲାଙ୍ଗିର ଜିଲ୍ଲାରେ ଚଳିତ ବର୍ଷ ତୁଳନାରେ ପୂର୍ବ ବର୍ଷମାନଙ୍କରେ ଏତେ ପରିମାଣର ଧାନ କିଣାଯାଇନଥିଲା। କି ଏତେ ସଂଖ୍ୟାରେ ଚାଷୀ ଧାନ ବିକ୍ରୀ କରିନଥିଲେ। ବିଭାଗୀୟ ତଥ୍ୟ ଅନୁସାରେ ୨୦୨୪-୨୫ ଖରିଫରେ ଧାନ ବିକ୍ରୀ କରିବା ପାଇଁ ପ୍ରାୟ ୯୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଆବେଦନ କରିଥିବା ବେଳେ ୯୪ ହଜାର ୩୦୫ ଜଣ ଚାଷୀଙ୍କ ପଞ୍ଜୀକରଣ କରାଯାଇଥିଲା। ଯାହାକି ସବୁଠାରୁ ସର୍ବାଧିକ। ବର୍ଷକ ଭିତରେ ବହୁ ସଂଖ୍ୟାରେ ନୂତନ ଚାଷୀଙ୍କ ପଞ୍ଜୀକରଣ ହୋଇଥିବା ବେଳେ ଉକ୍ତ ଚାଷୀଙ୍କ ବୈଧତାକୁ ନେଇ ପ୍ରଶ୍ନ ଉଠିଥିଲା। ତଥାପି ଚଳିତ ବର୍ଷ ଧାନକିଣା ଆରମ୍ଭ ହୋଇଥିବା ବେଳେ ସମସ୍ତ ଚାଷୀମାନଙ୍କ ଧାନ କିଣାଯିବ ନା ନକଲି ଚାଷୀଙ୍କ ଆଳରେ ଅସଲି ଚାଷୀ ବାଦ ପଡ଼ିବେ ତାକୁ ନେଇ ପ୍ରଶ୍ନ ଉଠିଥିଲା। ତେବେ ପୂର୍ବରୁ ଆଲୋଚନା ହୋଇଥିବା ବିଷୟ ଜିଲ୍ଲାରେ ସତ୍ୟ ପ୍ରମାଣିତ ହୋଇଛି। ବିଭାଗୀୟ ସୂଚନା ଅନୁସାରେ ଚଳିତ ଖରିଫରେ ୯୦ ହଜାର ୯୦୭ ଜଣ ଚାଷୀ ଧାନ ବିକ୍ରୀ କରିଥିବା ବେଳେ ସମୁଦାୟ ୪୦ ଲକ୍ଷ ୭୩ ହଜାର ୨୭୩କୁଇଣ୍ଟାଲ ଧାନ ୧୧ ତାରିଖ ସୁଦ୍ଧା କିଣାଯାଇଥିବା ଜଣାପଡ଼ିଛି। ତେବେ ଏତେ ପରିମାଣର ଧାନ ଆସିଲା କେଉଁଠୁ। ପୂର୍ବରୁ ଜିଲ୍ଲାରେ ଏତେ ପରିମାଣର ଧାନ କେବେ ବିକ୍ରୀ ହୋଇନଥିବା ବେଳେ

**ମିଛ ଏଣ୍ଟ୍ରିରେ ପୂରିନି ତ ଟାର୍ଗେଟ**

**ବଡ ଅନିୟମିତତା ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଦାବି**

ଚଳିତ ବର୍ଷ ଏତେ ଧାନ ଆସିଲା କେଉଁଠୁ ଯାହାକି ତଦନ୍ତ ସାପେକ୍ଷ। ଅଭିଯୋଗ ଅନୁସାରେ ଜିଲ୍ଲାର ପ୍ରାୟ ସମସ୍ତ ପାକ୍ସ ଓ ଏସ୍ଏଚଜି ଦ୍ୱାରା ପରିଚାଳିତ ହେଉଥିବା ମଣ୍ଡିମାନଙ୍କରେ ମିଛ ଏଣ୍ଟ୍ରି କରି ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ବଡଟିକା ପାକ୍ସ ଭଳି ଅନ୍ୟ ପାକ୍ସମାନଙ୍କରେ ସମାନ କୌଶଳରେ ମଣ୍ଡି ମାନଙ୍କରେ ଧାନ ଏଣ୍ଟ୍ରି କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଗୋଟିଏ ଚାଷୀର ଧାନ ଦୁଇ ଦୁଇ ଥର ମଧ ଦୁଇ ଟି ମଣ୍ଡିରେ ଏଣ୍ଟ୍ରି ହୋଇଥିବା ଅଭିଯୋଗ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଚଳିତ ଖରିଫରେ ଜିଲ୍ଲାର ବିଭିନ୍ନ ମଣ୍ଡିରୁ ଅନିୟମିତତା ଅଭିଯୋଗ ଆସିଥିଲେ ମଧ ଗୋଟିଏ ବି ଘଟଣାରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଖରିଫ ଧାନକିଣାରେ ମିଲରମାନଙ୍କ ମନମାନୀ ସାମ୍ନାକୁ ଆସିଥିବା ବେଳେ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଆରମ୍ଭରୁ ଧାନକିଣା ଉଠାଇବାରେ ଅବହେଳା, ପଲିଥିନ ବ୍ୟାଗରେ ଧାନ ନନେବା କୁ ଜିଦ କରିବା ଘଟଣାରେ ଉପମୁଖ୍ୟମନ୍ତ୍ରୀ ମିଲର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଥିଲେ। କିନ୍ତୁ ତାହା କେବଳ ଲୋକଦେଖାଣିଆ ଥିବା ଆଲୋଚନା ହେଉଛି। ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପଲିଥିନ ବ୍ୟାଗ ବଦଳରେ ଅଖାବସ୍ତାରେ ଧାନ ଉଠାଇଥିଲେ। କଟନି ଛଟ୍‌ନି ମଧ ମିଲରଙ୍କ ଅନୁସାରେ ସମସ୍ତ ମଣ୍ଡିରେ କରାଯାଇଥିଲା। ଏପରିକି ନିଜେ ସ୍ୱାସ୍ଥ୍ୟମନ୍ତ୍ରୀ ମଧ ଧାନ ବିକ୍ରୀ କରିବା ସମୟରେ ତାଙ୍କ ଧାନ କଟନୀ କରାଯାଇଥିଲା। ଧାନକିଣା ପୂର୍ବରୁ ବଲାଙ୍ଗିର ସାଂସଦଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଥିଲେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର। ସାଂସଦଙ୍କ ସହ ମିଲରଙ୍କ ଗୁପ୍ତ ଡିଲ ହୋଇଥିବା ବେଳେ ତାଙ୍କ ଠାରୁ ବହୁ ପରିମାଣର ଟଙ୍କା ସଂଗ୍ରହ କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହାର ପ୍ରତିଫଳନ ଧାନକିଣାରେ ଦେଖିବାକୁ ମିଳିଛି। ମିଲର ଏଜେଣ୍ଟମାନଙ୍କ ଜରିଆରେ ଗୋଟିଏ ମଣ୍ଡିରୁ ଧାନ ଉଠାଇ ଆଉ ଏକ ମଣ୍ଡିରେ ତାକୁ ଏଣ୍ଟ୍ରି କରିଥିବା ମଧ ଅଭିଯୋଗ ରହିଛି। ଏହିଭଳି ଭାବେ ଅନେକ ଅନିୟମିତତା ଭିତରେ ଜିଲ୍ଲାରେ ଧାନକିଣା ସମ୍ପୂର୍ଣ୍ଣ ହେବାକୁ ବସିଥିବା ବେଳେ ଧାନକିଣା କେତେ ସଫଳ ତାହା ସବୁଠାରୁ ବଡ ପ୍ରଶ୍ନ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଜିଲ୍ଲାରେ ସତରେ କଣ ଏତେ ପରିମାଣର ଧାନ ଅମଳ ହୋଇଛି ! ନା ମିଛ ଏଣ୍ଟ୍ରି ଯୋଗୁଁ କିଣା ଧାନ ପରିମାଣ ବୃଦ୍ଧି ହୋଇଛି ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଧାନକିଣାର ଭିଜିଲାନ୍ସ ସ୍ତରୀୟ ତଦନ୍ତ କଲେ ଅନେକ କଳା କାରବାର ସାମ୍ନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି। ଏନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କୁ ପଚାରିବାରୁ ଯେତେ ଟାର୍ଗେଟ ଆସିଥିଲା ସେହି ଅନୁସାରେ ଧାନକିଣା ଯାଇଥିବା କହିଛନ୍ତି।

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ଖପ୍ରାଖୋଲ, ୧୩।୨(ସମିସ):** ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ବ୍ଲକ ଅଧୀନସ୍ଥ ଖପ୍ରାଖୋଲ କ୍ଲଷ୍ଟରର ଖପ୍ରାଖୋଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କେନ୍ଦ୍ର ସଂଯୋଜକ ଶ୍ରୀପତି କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ରୁଦ୍ରଦେବ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରୋଦିନୀ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ନୂତନ ପେନସନ ଭୋଗୀ ଶିକ୍ଷକ ସଂଘର ସଭାପତି ସୁଶୀଲ କୁମାର ପୋଢ଼ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯଥା ବିଜୁ ସୁନା, ଧରମ ସିଂ ଧରୁଆ, ଘନଶ୍ୟାମ ପଶାୟତ, ଜଗନ୍ନାଥ ପାଣ୍ଡେ, ମନୋରମା ନାୟକ, ସୁଷମା ମଞ୍ଜରୀ ପାତ୍ର, ଗୀତାଞ୍ଜଳି ସାହୁ, ବିଜୟ କୁମାର ପଟେଲ, ଚନ୍ଦ୍ରକାନ୍ତି ଧରୁଆ ସାମିଲ ହୋଇଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବଲାଙ୍ଗିର, ୧୩।୨( ସମିସ):** ବଲାଙ୍ଗିର ସହର ଗାନ୍ଧୀନଗର ପଡ଼ାର ଆଦର୍ଶ ଶିକ୍ଷକ ତୁଷାରକାନ୍ତ ମିଶ୍ରଙ୍କ ୭୫ ବର୍ଷ ବୟସରେ ପରଲୋକ ଘଟିଛି। ବୁଧବାର ଅସୁସ୍ଥ ହୋଇଯିବାରୁ ତାଙ୍କୁ ବରଗଡ଼ର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ବରଗଡ଼ରୁ ବୁର୍ଲା ନେବା ରାସ୍ତାରେ ହୃଦ୍‌ଘାତ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ବିଭୁତିପଡ଼ା ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ଓମ୍ ପ୍ରକାଶ ମିଶ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ତୁଷାର ମିଶ୍ର ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼, କଣ୍ଟାବାଞ୍ଜି ଅଞ୍ଚଳରେ ଦୀର୍ଘ ଦିନରୁ ଶିକ୍ଷକତା କରୁଥିଲେ। ପଦୋନ୍ନତି ହୋଇ ସ୍କୁଲ ନିରୀକ୍ଷକ ଏବଂ ବିଆରସିସି ଭାବରେ ମଧ ଦାୟିତ୍ୱ ତୁଲାଇଥିଲେ।

### 'ମୁଁ କଳାକାର'

# ଲୋକକଳାର ପୂଜାରୀ ଭକ୍ତ ମୁନା

*କଳା ପ୍ରତି କଳାକାର ରହିଥାଏ ସର୍ମପଣ ଭାବ। କଳାକୁ ବଞ୍ଚାଇବାକୁ ଅନବରତ କଳାକାର କରିଥାଏ ସଂଘର୍ଷ। ଏହି ସଂଘର୍ଷର ଭିଡ଼ ଭିତରେ କିଛି ହଜିଯାଆନ୍ତି ତ ଆଉକିଛି ସଫଳ ହୁଅନ୍ତି। ଏହି ଭିଡ଼ ଭିତରେ ହଜିଯାଉଥିବା ଅନେକ କଳାକାର ଆଗାମୀ ପିଢ଼ି ପାଇଁ ଏକ ମଞ୍ଚ ତିଆରି କରିବାରେ ସଫଳ ହୋଇଥାନ୍ତି। ଏହିଭଳି କଳାକାରଙ୍କ ସଂଘର୍ଷ ସଫଳତାର କାହାଣୀକୁ ନେଇ ସକାଳର ଉପସ୍ଥାପନା ମୁଁ କଳାକାର।*

**ବଲାଙ୍ଗିର, ୧୩।୨(ସମିସ) :** ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ଅଧୀନ ମଲମୁଣ୍ଡାରେ ରହୁଥିବା ଭକ୍ତ ମୁନା ଜଣେ ଉଦୀୟମାନ ଯୁବ କଳାକାର ଭାବରେ ପରିଚିତ। ରାଜ୍ୟ ତଥା ରାଜ୍ୟ ବାହାରେ କଳା ପରିବେଷଣ କରି ନାଁ କରିଛନ୍ତି। ଲୋକକଳାକୁ ଧରି ନିଜର ଭବିଷ୍ୟତ ଗଢ଼ିବା ସହିତ ଏହାକୁ ଆଗେଇ ନେବାର ପ୍ରୟାସ ଜାରି ରଖିଛନ୍ତି।

ମଲମୁଣ୍ଡା ଗ୍ରାମର ଶିବ ମୁନା ଓ ଲଙ୍କା ମୁନାଙ୍କ ପୁଅ ହେଉଛନ୍ତି ଭକ୍ତ ମୁନା। ବଡ଼ ପୁଅ ହୋଇଥିବାରୁ କମ୍ ବୟସରୁ ପରିବାରର ଦାୟିତ୍ୱ ତୁଲାଇଛନ୍ତି। ଯେଉଁଥିପାଇଁ ବେଶି ପାଠ ପଢ଼ିପାରିନାହାନ୍ତି ଭକ୍ତ। କିନ୍ତୁ ପିଲାଟି ବେଳରୁ ଗଣ୍ଡା ବଜା ବଜାଇବା ପାଇଁ ତାଙ୍କର ବେଶ ରୁଚି ରହିଥିଲା। ବାପା ମଧ ଜଣେ ବାଦ୍ୟକାର ହୋଇଥିବାରୁ ତାଙ୍କୁ ଦେଖିଦେଖି ବାଜା ବଜାଇବା ଶିଖିଥିବା ଭକ୍ତ କହନ୍ତି। ୧୨ ବର୍ଷ ହେଉଥିବା ସମୟରେ ସେ ପ୍ରଥମେ ନିସାନ ବଜାଇବାର ଆରମ୍ଭ କରିଥିଲେ। ୨୦୧୩ ମସିହାରେ ପୁଇଁତଳା ସାଂସ୍କୃତିକ ଅନୁଷ୍ଠାନ ଢୋଲ ମୁହୁରୀ କଳା ପରିଷଦରେ ଯୋଗଦାନ କରିଥିଲେ। ସେହିଦିନ ଠାରୁ ଏହି ଅନୁଷ୍ଠାନର ଜଣେ ସଦସ୍ୟ ଭାବରେ ରହିଛନ୍ତି। ବାଦ୍ୟ ବଜାଇବା କିମ୍ବା ଲୋକକଳା ପରିବେଷଢ଼ଣ କରି ଗୁଜୁରାଣ ମେଣ୍ଟାଇବା ତାଙ୍କର ମାନସିକତା ନୁହେଁ। ଏହାର ଉତ୍ତରୋତ୍ତର ଉନ୍ନତି କେମିତି ହେବ ସେଥିପାଇଁ ଭକ୍ତ ମୁନା ସର୍ବଦା ଚେଷ୍ଟିତ। ତେଣୁକରି ଲୋକକଳାର ଇତିହାସ ସମ୍ପର୍କରେ ବେଶ ଗବେଷଣା କରିଛନ୍ତି। ତାଙ୍କର ଏହି ପ୍ରୟାସ ପାଇଁ ତାଙ୍କୁ ୨୦୧୬ ମସିହାରେ ଗାରତ ସରକାରଙ୍କ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ସମ୍ମାନିତ କରାଯାଇଛି। କେବଳ ଏତିକି ନୁହେଁ ନିଜସ୍ୱ



ପ୍ରଚେଷ୍ଟାରେ ଜୁଡା ଝଲକା ନାମରେ ଏକ ସାଂସ୍କୃତିକ ଅନୁଷ୍ଠାନ ଗଢ଼ିଛନ୍ତି। ଏହି ଅନୁଷ୍ଠାନ ରାଜ୍ୟର ବିଭିନ୍ନ ସ୍ଥାନରେ କଳା ପରିବେଷଣ କରି ବେଶ ପ୍ରଶଂସା ସାଉଁଟିଛି। ଭକ୍ତ ମୁନାଙ୍କ ଭଳି ଜଣେ ଯୁବ କଳାକାର ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଅଟନ୍ତି। ଆଗାମୀ ଦିନରେ ଜଣେ ଭଲ କଳାକାର ଭାବରେ କଳାର ଉତ୍ତରୋତ୍ତର ଉନ୍ନତି କରିବାକୁ ତାଙ୍କର ଲକ୍ଷ୍ୟ ରହିଛି।

## ରକ୍ତଦାନ କରି ଯୁବକଙ୍କ ଜୀବନ ବଞ୍ଚାଇଲେ ସିଦ୍ଧେଶ୍ୱରୀ

**ବଲାଙ୍ଗିର, ୧୩।୨(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ବଥର୍ଲା ଗ୍ରାମର ପୂର୍ବତନ ମନ୍ତ୍ରୀ ଅଇଁଠୁ ସାହୁଙ୍କ ପୁତୁରା ଚନ୍ଦ୍ରଗୁପ୍ତ ସାହୁ ବଲାଙ୍ଗିରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଅସ୍ତ୍ରୋପଚାର ପାଇଁ ଜରୁରୀକାଳୀନ ରକ୍ତ ଯୋଗାଡ଼ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ରାତି ୯ଟାରେ ରକ୍ତ ଯୋଗାଡ କରିବାରେ ତାଙ୍କ ପକ୍ଷରେ ସମ୍ଭବ ନ ହେବାରୁ ସେମାନେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ରକ୍ତ ପାଇଁ ସହଯୋଗ ମାଗିଥିଲେ। ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ସହଯୋଗ କ୍ରମେ ସିଦ୍ଧେଶ୍ୱରୀ ପ୍ରଧାନ ଆସି ରକ୍ତଦାନ କରିଥିଲେ। ଏ ଅବସରରେ ରକ୍ତଦାତା ସିଦ୍ଧେଶ୍ୱରୀଙ୍କୁ ଯୁବ ସଂଗଠନ ତରଫରୁ ଫୁଲ ଗଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାନ ସମୟରେ ବ୍ଲଡ ବ୍ୟାଙ୍କ ଇନ୍‌ଚାର୍ଯ୍ୟ ନରେଶ ମିଶ୍ର, ଷ୍ଟାଫ୍ ଜ୍ୟୋର୍ତିମୟୀ ନାୟକ ଉପସ୍ଥିତ ଥିଲେ। ଯୁବ କୁଲୁତା ସମାଜର ଏଭଳି ମହତ କାର୍ଯ୍ୟ ପାଇଁ ଛତିଶଗଡ଼ ଯୁବ କୁଲୁତା ସମାଜ ସଭାପତି ଗିରିଧାରୀ ସାହୁ, ଓଡ଼ିଶା କୁଲୁତା ସମାଜ ସହ-ସମ୍ପାଦକ କ୍ଷେତ୍ରବାସୀ ପ୍ରଧାନ, ଅତାବିରା ବ୍ଲକ ସଭାପତି ଦିବାକର ପ୍ରଧାନ, ନୁଆଁପଡ଼ା ଜିଲ୍ଲା ସଭାପତି ସରୋଜ ସାହୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଜନ୍ମଦିନରେ ଅନ୍ତେବାସୀଙ୍କ ଶିକ୍ଷଣ ପୁସ୍ତିକା ବଣ୍ଟନ



**ଖପ୍ରାଖୋଲ, ୧୩।୨ (ସମିସ):** ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ ନିଜ ଜନ୍ମଦିନରେ ସ୍ଥାନୀୟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀନିବାସକୁ ଯାଇ ସେଠାରେ ପଢୁଥିବା ଛାତ୍ରୀଙ୍କୁ ଶିକ୍ଷଣ ପୁସ୍ତିକା ବଣ୍ଟନ କରିଛନ୍ତି। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଛାତ୍ରୀମାନଙ୍କୁ ଶିକ୍ଷା ଉପରେ ଦିଗ ଦର୍ଶନ ଦେବା ସହିତ ଭବିଷ୍ୟତରେ ଯେପରି ଜଣେ ଜଣେ କୃତୀ ଛାତ୍ରୀ ହୋଇ ବିଦ୍ୟାଳୟର ନାମକୁ ଉଜ୍ଜ୍ୱଳ ରଖିବେ ବୋଲି କହିଥିଲେ। ଏନେଇ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର କର୍ମଚାରୀମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଏହି ମହାନତା ପାଇଁ କୃତଜ୍ଞତା ଜ୍ଞାପନ ଜଣାଇବା ସହିତ ତାଙ୍କୁ ଜନ୍ମଦିନର ଅନେକ ଅନେକଶୁଭକାମନା ଜଣାଇଛନ୍ତି। ଏହି ଅବସରରେ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଛୁରା, ୱାର୍ଡେନ ଅନିତା ମହାପାତ୍ର, ଶିକ୍ଷୟତ୍ରୀ ରିତା ବେହେରା, ରୀତା ସାହୁ, ଉପସ୍ଥିତ ଥିବା ବେଳେ ନୀଳମାଧବ ସାହୁ, ଆଟେଣ୍ଡେଣ୍ଟ ଲିଜା ବନଛୋର, ପ୍ରମୁଖ ଉପସ୍ଥିତ ରହିଥିଲେ।

## ଲିଙ୍ଗଗତ ସମାନତା ଉପରେ ସଚେତନତା କର୍ମଶାଳା

**କଣ୍ଟାବାଞ୍ଜି, ୧୩।୨(ସମିସ):** ରାଜ୍ୟ ମହିଳା କମିଶନଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ତରଫରୁ ମହିଳାଙ୍କ ଅଧିକାର ସମ୍ପର୍କିତ ଏକ କର୍ମଶାଳା ଗୁରୁବାର ମହିଳା ସ୍ନାତକ ମହାବିଦ୍ୟାଳୟ କଣ୍ଟାବାଞ୍ଜିରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷା ମନୋରମା ରାଉତ, ମେଡିକାଲ ଅଫିସର ରାକେଶ ପଣ୍ଡିତ, ତୁରେକେଲା ସିଡିପିଓ ରତ୍ନମଣି ବରାଳ, ସୁଜାତା ଦୋରା, ମମତା



ଯୋଜନାର ଜିଲ୍ଲା ସଂଯୋଜକ ଶିବାନୀ ଠାକୁର, ବାଲ୍ୟ ବିବାହ ନିଷେଧ ସେଲ ର ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ପତୀ ଯୋଗଦାନ କରିଥଲେ। ଏହି କର୍ମଶାଳାର ମୁଖ୍ୟ ବିଷୟବସ୍ତୁ 'ଲିଙ୍ଗଗତ ଭେଦଭାବ 'ଓ 'ଘୋରାଇ ହିଂସା ନିଷିଦ୍ଧ ଆଇନ୍ ୨୦୦୫'କୁ ଶ୍ରୋତା ମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଡ. ସଞ୍ଜୟ କୁମାର ମିଶ୍ର, ଜିତେନ୍ଦ୍ର ସୁନା ଯୋଗଦାନ କରିଥଲେ। ଜିତେନ୍ଦ୍ର ସୁନା ଘୋରେଇ ହିଂସା ନିବାରଣ ଆଇନ୍ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ ବୃନ୍ଦ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ବିଭିନ୍ନ ମହିଳା ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।




### ବଲାଙ୍ଗିରରେ ଦେହ ବେପାର

# ଧରାପଡୁଛନ୍ତି ଦେହଜୀବୀ, ଗ୍ରାହକ; ଖସିଯାଉଛନ୍ତି କିଙ୍ଗ୍‌ପିନ୍

**ବଲାଙ୍ଗିର, ୧୩।୨(ସମିସ)**

ବଲାଙ୍ଗିର ସହରରେ ଦିନକୁ ଦିନ ବଢ଼ିଚାଲିଛି ଦେହ କାରବାର। ସହରରେ ଥିବା ହୋଟେଲରେ ବେଧଡ଼କ ଏହି କାରବାର କରାଯାଉଥିଲେ ହେଁ ପୁଲିସ ଜାଣିଶୁଣି ଚୁପ୍ ରହୁଛି। କିଛି ସମୟରେ ଚଢ଼ଉ କରି ସେକ୍ସ ରାକେଟ ଠାବ କରୁଛି ସତ। କିନ୍ତୁ ପୁଲିସ ବିଭାଗର ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ଯୋଗୁଁ ନା ଏହି କାରବାର ବନ୍ଦ ହେଉଛି ନା କାରବାର କରୁଥିବା ଦଲାଲମାନେ ପୁଲିସକୁ ଭୟ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଟି ହେଉଛି ଏହି କାରବାର ଧରାପଡ଼ିବା ପରେ ଦେହଜୀବୀ ଓ ଗ୍ରାହକଙ୍କୁ ପୁଲିସ ଗିରଫ କରୁଛି କିନ୍ତୁ ଏହି ସାମ୍ରାଜ୍ୟ ଚଳାଉଥିବା କିଙ୍ଗପିନ ଓ ସହଯୋଗ କରୁଥିବାହୋଟେଲ ମାଲିକଙ୍କୁ ଛାଡ଼ିଦେଉଛି। ଫଳରେ କିଛି ଦିନ ପରେ ପୁଣି ପୁରୁଣା ଠିକଣାରେ କାରବାର ଚାଲୁଥିବା ଜଣାପଡ଼ିଛି।

ଗତ ମଙ୍ଗଳବାର ରାତିରେ ବଲାଙ୍ଗିର ଟାଉନ ପୁଲିସ ରାଜେନ୍ଦ୍ର ପାର୍କ ନିକଟରେ ଥିବା ତିରୁପତି ଗେଷ୍ଟ ହାଉସରେ ଚଢ଼ଉ କରି ସେକ୍ସ ରାକେଟ ଠାବ କରିଥିଲା। ସେଠାରୁ ଜଣେ ଯୁବତୀ ଓ ତିନି ଯୁବକଙ୍କୁ ଧରିଥିଲା। ଯୁବକମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବଡ଼କଥା ହେଲା ଯେ ଯୁବତୀ କିମ୍ବା ଯୁବକଙ୍କ ମଧ୍ୟରୁ କେହିବି ସ୍ଥାନୀୟ ନୁହନ୍ତି। ଯୁବତୀ ଜଣକ କଟକ ଜିଲ୍ଲାର ହୋଇଥିବାବେଳେ ଯୁବକ ମାନେ କନ୍ଧମାଳ ଜିଲ୍ଲାର ବୋଲି ଜଣାପଡ଼ିଛି। ଅର୍ଥାତ ଜିଲ୍ଲା ବାହାରୁ ଯୁବକ ଓ ଯୁବତୀ ଆସୁଛନ୍ତି ବଲାଙ୍ଗିରରେ କାରବାର କରି ଫେରାର ମାରୁଛନ୍ତି କିନ୍ତୁ ଜାଣିପାରୁନାହିଁ ପୁଲିସ। ଚଢ଼ଉ ହୋଇଥିବା ଗେଷ୍ଟ ହାଉସଟି ବଲାଙ୍ଗିର ଟାଉନ ଥାନାରୁ ପ୍ରାୟ

**ଟାଉନ ଥାନାରୁ ଅଧା କିମି ଭିତରେ ଦେହ କାରବାର**

**ଗେଷ୍ଟ ହାଉସ ମାଲିକ ଓ କିଙ୍ଗପିନ ଗିରଫ କେବେ**

ଅଧା କିମି ଦୂରରେ ରହିଛି। କାହା ସାହସରେ ଏହି କାରବାର ଚାଲିଥିଲା ତାହା ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ। ଏହି ଘଟଣାରେ ପୁଲିସ ତିନି ଗ୍ରାହକଙ୍କୁ ଗିରଫ କରିଛି। ଗ୍ରାହକମାନେ କାହା ସମ୍ପର୍କରେ ବଲାଙ୍ଗିର ଆସିଥିଲେ ତାହା ମଧ ସୂଚନା ଦେଇଛନ୍ତି। ଏହି ଘଟଣାରେ ସ୍ଥାନୀୟ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଗ୍ରାହକ ଗିରଫ ହେଲେ, ଦେହଜୀବୀ ଉଦ୍ଧାର ହେଲେ କିନ୍ତୁ ଗେଷ୍ଟ ହାଉସ ମାଲିକ ଗଲେ କୁଆଡ଼େ। ପୁଲିସ କାହିଁକି ତାଙ୍କୁ ଗିରଫ କରିନାହିଁ। ପୂର୍ବରୁ ମଧ ବଲାଙ୍ଗିରରେ ଠାବ ହୋଇଥିବା ସେକ୍ସ ରାକେଟ ଘଟଣାରେ ପୁଲିସ କାରବାର ଚଳାଉଥିବା କିଙ୍ଗପିନ ଓ ହୋଟେଲ ମାଲିକଙ୍କୁ ସୁରକ୍ଷା ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ସହରରେ ସାଲେପାଲି, ରେଳଷ୍ଟେସନ ନିକଟସ୍ଥ ଅଞ୍ଚଳ, ଜାତୀୟ ରାଜପଥ କଡ଼ରେ ଥିବା ଅଣଓଡିଆ ହୋଟେଲ ଏହିଭଳି ଅନେକ ସ୍ଥାନରେ ଥିବା ହୋଟେଲ ଓ ଭଡ଼ାଘରେ ଏହି କାରବାର ଚାଲିଥିବା ସୂଚନା ରହିଛି। ଏହି କାରବାର ରୋକିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଚଢ଼ଉ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏନେଇ ଭାରାପ୍ରାପ୍ତ ଏସ୍‌ଡିପିଓ ସଞ୍ଜୟ କୁମାର ମଣ୍ଡଳଙ୍କୁ ପଚାରିବାରୁ ମାମଲାର ତଦନ୍ତ ଚାଲିଛି, ଏହି କାରବାର ପଛରେ ଯେଉଁମାନେ ମଧ ଅଛନ୍ତି ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

### ରାଜଧାନୀରେ ରହି ବଲାଙ୍ଗିରରେ ଦେହ କାରବାର, କିଏ ଏହି ଦିଦି

ବଲାଙ୍ଗିର ରାଜେନ୍ଦ୍ର ପାର୍କ ନିକଟସ୍ଥ ତିରୁପତି ଗେଷ୍ଟ ହାଉସରୁ ଦେହ କାରବାର ଘଟଣାରେ ପୁଲିସ ଗିରଫ କରିଥିବା ତିନି ଜଣ ଯୁବକ ତଦନ୍ତ ସମୟରେ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ଉକ୍ତ ଯୁବକ ମାନେ କେବଳ ଏହି କାରବାର ପାଇଁ କନ୍ଧମାଳ ଅଞ୍ଚଳରୁ ଆସିଥିଲେ। ସେମାନେ ପାଟଣାଗଡ଼ର ଜଣେ ଦିଦିଙ୍କ ସହ ଯୋଗାଯୋଗ କରି ଉକ୍ତ ଗେଷ୍ଟହାଉସକୁ ଯାଇଥିଲେ। ତାଙ୍କ ଯୋଗାଯୋଗରେ ହିଁ ସମ୍ପୃକ୍ତ ଯୁବତୀ ଆସିଥିବା ବେଳ ସେହି ଦିଦିଙ୍କୁ ଯୁବକମାନେ ବହୁ ପରିମାଣର ଟଙ୍କା ମଧ ଦେଇଛନ୍ତି। ତେବେ ବର୍ତ୍ତମାନ ପ୍ରଶ୍ନ ଦିଦି ଜଣକ କିଏ! ସେ ପାଟଣାଗଡ଼ର ହୋଇଥିବା ବେଳେ ଏବେ ଭୁବନେଶ୍ୱରରେ ରହୁଛନ୍ତି। ପୁଲିସକୁ ମିଳିଥିବା ସୁରାକ ଅନୁସାରେ ପୁଲିସ ତଦନ୍ତ କରି ସମ୍ପୃକ୍ତ ମହିଳାଙ୍କୁ ଗିରଫ କରିବ ତ! ସମ୍ପୃକ୍ତ ମହିଳା ବା ଦିଦି ଜଣକ କାହା ସୁରକ୍ଷାରେ ରହି ରାଜଧାନୀରେ ଥାଇ ବଲାଙ୍ଗିରରେ ଏହି କାରବାର ଚଳାଇଛନ୍ତି ତାହା ମଧ ବଡ଼ ପ୍ରଶ୍ନ। ବର୍ତ୍ତମାନ ସମ୍ପୃକ୍ତ ଦିଦିଙ୍କୁ ନେଇ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି।

## ପାଚିକା ସହାୟିକା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

# ୧୭ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ସମାବେଶ



**ସିନାପାଲି, ୧୩ ।୨(ସମିସ):** ନିଖିଳ ଓଡ଼ିଶା ଏମ୍‌ଡିଏମ ପାଚିକା ସହାୟିକା ସଂଘ ତରଫରୁ ୧୫ ଗୋଟି ଦାବି ନେଇ ଆସନ୍ତା ୧୭ରେ କାର୍ଯ୍ୟବନ୍ଦ କରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ସମାବେଶ ନିଷ୍ପତ୍ତି ନେଇ ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରଯାଇଛି ।ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ପ୍ରଦିପ କୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ଅନୁସାରେ ପାଚିକା ସହାୟିକାମାନେ ଦିନକୁ ୬ ଘଣ୍ଟାରୁ ଅଧିକ ସମୟ ଧରି ମଧ୍ୟାହ୍ନ ଭୋଜନ କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାରେ ସର୍ବନିମ୍ନ ପାରିଶ୍ରମିକ ମିଳୁଛି। ଦାବି ଅନୁସାରେ ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଓ ମାସିକ ସର୍ବନିମ୍ନ ମଜୁରୀ ପ୍ରଦାନ, ପାଚିକାମାନଙ୍କୁ ୧୦ମାସର ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ସ୍କୁଲବନ୍ଦ, ସ୍କୁଲମିଶ୍ରଣ ଫଳରେ ବାଦ୍ ପଡ଼ିଥିବା ସମସ୍ତ ପାଚିକାଙ୍କୁ ଅନ୍ୟ ସ୍କୁଲରେ ନିଶ୍ଚିତ କରିବା, ଅବସରକାଳୀନ ବୟସ ସିମା ୬୫କୁ ବୃଦ୍ଧି କରିବା, ମାସର ପ୍ରଥମ ସପ୍ତାହରେ ପାରିଶ୍ରମିକ ପ୍ରଦାନ, ପ୍ରସୂତିକାଳୀନ ଛୁଟି ସମେତ ୧୫ଟି ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ରୁକ୍ମିଣୀ ଦେବଗଣ, ହେମଲତା ବନ୍ଦିଚୋର, ଜେମା ବଗର୍ତୀ, ଉରମାଝି, ହେମାନସିନି ମାଝି, ସାବେତ୍ରି ମାଝି, ରାହାସ ନାଗ, ପଦ୍ମା ଭୋଇ, ଜିରେ ମାଝିଙ୍କ ସମେତ ଅନେକ ପାଚିକା ସହାୟିକା ଉପସ୍ଥିତ ଥିଲେ।

## ଲାଞ୍ଜିଗଡ଼ ବ୍ଲକ

# ୨୬ ପଞ୍ଚାୟତକୁ ୪ କନିଷ୍ଠ ଯନ୍ତ୍ରୀ

**ଲାଞ୍ଜିଗଡ଼, ୧୩ ।୨(ସମିସ)**

କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକର ୨୬ଟି ପଞ୍ଚାୟତ ପାଇଁ ଏବେ ମାତ୍ର ୪ ଜଣ କନିଷ୍ଠ ଯନ୍ତ୍ରୀ ନିଯୁକ୍ତ ଅଛନ୍ତି। ଏହାଫଳରେ ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇ। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପାଞ୍ଚରୁ ଛଅଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ଏଣୁ ବ୍ଲକର ଦୁର୍ଗମ ଅଞ୍ଚଳଗୁଡ଼ିକୁ ଗସ୍ତ କରି ଉନ୍ନୟନ କାର୍ଯ୍ୟ ତଦାରଖ କରିବା ମୁସ୍କିଲ ହୋଇପଡ଼ିଛି। ଏହାକୁ ନେଇ ବ୍ଲକରେ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ବ୍ଲକ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ଜନ ପ୍ରତିନିଧି କଳାହାଣ୍ଡି ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି। ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଏମାନେ ଦାବି କରିଛନ୍ତି।

ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ ପାଇଁ ୧୦ ଜଣ କନିଷ୍ଠ ଯନ୍ତ୍ରୀ ରହିବା କଥା; କିନ୍ତୁ ତା' ବଦଳରେ ମାତ୍ର ୭ ଜଣ କନିଷ୍ଠ ଯନ୍ତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ଲିଙ୍ଗରାଜ ସ୍ୱାଇଁଙ୍କୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଦୁର୍ଯ୍ୟୋଧନ ଭୋଇଙ୍କୁ ମ. ରାମପୁର ବ୍ଲକକୁ ଡେପୁଟେସନରେ ପଠା ଯାଇଛି। ସେହିପରି ବିଦ୍ୟାଧର ଟୁଡୁଙ୍କୁ ଭବାନୀପାଟଣା ବ୍ଲକକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଲାଞ୍ଜିଗଡ଼ ବ୍ଲକ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମଙ୍କୁ ଡେପୁଟେସନରେ ସମ୍ପୃକ୍ତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ପଠାଯାଇଛି। ତାଙ୍କ ସ୍ଥାନରେ ଜୟପାଟଣା ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ନାୟକଙ୍କୁ ଲାଞ୍ଜିଗଡ଼ ବ୍ଲକ ଦାୟିତ୍ୱ ଦିଆଯାଇଛି। ଏବେ ତାଙ୍କୁ ମଧ୍ୟ ନୂଆପଡ଼ା ଜିଲ୍ଲା ପରିଷଦକୁ ବଦଳି ନିର୍ଦ୍ଦେଶ ଜାରି ହୋଇଛି। ଏପରିସ୍ଥଳେ ଲାଞ୍ଜିଗଡ଼ ବ୍ଲକର ୨୬ଟି ପଞ୍ଚାୟତର ସମସ୍ତ ଉନ୍ନୟନ ପ୍ରକଳ୍ପ ସମେତ ମନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଆଦି ପ୍ରଭାବିତ ହୋଇଛି। ଏହାଦ୍ୱାରା ମାତ୍ର ୪ ଜଣ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ମାତ୍ରାଧିକ ଦାୟିତ୍ୱ ଓ କାର୍ଯ୍ୟଭାର ଯୋଗୁଁ ବ୍ଲକର ବିକାଶମୂଳକ କାର୍ଯ୍ୟ ଆଗେଇ ପାରୁନାହିଁ। ଏହାକୁ ନେଇ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ବ୍ଲକ ସମିତି ସଭ୍ୟ ସଂଘର ସଭାପତି ଜଗଦୀଶ ବେନିଆଁ, ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝୀ, ବାତେଲିମା ସରପଞ୍ଚ କରୁଣା ମାଝୀ, ଲାଞ୍ଜିଗଡ଼ ରୋଡ଼ ସରପଞ୍ଚ ମମତା ଶବରଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଦସ୍ୟ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହିତ ବ୍ଲକରେ ଖାଲି ପଡ଼ିଥିବା କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ ଓ ସ୍ଥାୟୀ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ପାଇଁ ଦାବି କରିଥିଲେ। ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିବା ସହିତ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି।

**ଉନ୍ନୟନ କାର୍ଯ୍ୟ ପ୍ରଭାବିତ**

**ଜିଲ୍ଲାପାଳଙ୍କୁ ଭେଟିଲେ ଜନ ପ୍ରତିନିଧି**

# କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା

**ସିନାପାଲି, ୧୩ ।୨(ସମିସ):** ସିନାପାଲି ବ୍ଲକ ଅନ୍ତର୍ଗତ ସରକାରୀ ଉପ୍ରା ବିଦ୍ୟାଳୟ ତିଲେଇମାଲ ଠାରେ କୁଲିଆଡଙ୍ଗରି କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ତିଲେଇମାଲ ସରକାରୀ ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନରସିଂହ ନାଏକ ଓ କୁଲିଆଡଙ୍ଗରି ଉପ୍ରା ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରାଣସିଂହ ଖର୍ସେଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୁଲିଆଡଙ୍ଗରି ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ପଙ୍କଜ କୁମାର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିଆରସିସି ମହେଶ୍ୱର ଗୁଆଲ, ବିଶିଷ୍ଟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ନରସିଂହ ନାଏକ ଓ ପ୍ରାଣସିଂହ ଖର୍ସେଲ, ସମ୍ମାନିତ ଅତିଥି ଡଙ୍ଗରିଗୁଡା ସ୍କୁଲ ପ୍ରଧାନଶିକ୍ଷକ ଖଗେଶ୍ୱର ନାଏକ, ଝାରବନ୍ଦ ସ୍କୁଲ ପ୍ରଧାନଶିକ୍ଷକ ପବିତ୍ର ଦୁରିଆ, ତିଲେଇମାଲ ସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେଶ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ବଂଶିଧର ଜଗତ ଅତିଥି ସ୍ୱାଗତ ଓ ପରିଚୟ ପ୍ରଦାନ ଅଭିଭାଷଣ କରିଥିଲେ ।ଅତିଥି ମାନେ ବିଦାୟୀ ଶିକ୍ଷକଙ୍କ ଶିକ୍ଷକତା ଜୀବନର ଅନେକ ସ୍ମୃତି ତଥା ଆଦର୍ଶକୁ ଉପସ୍ଥାପନା କରିଥିଲେ। ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଶିକ୍ଷକ ବ୍ରଜମୋହନ ଦେ, ଆଲୋକ ରଞ୍ଜନ ପାଣିଗ୍ରାହୀ, ବିରେନ୍ଦ୍ର କୁମାର ନାଏକ, ବିଦାୟୀ ଶିକ୍ଷକଙ୍କ ବିଶେଷ ଗୁଣାବଳୀକୁ ଉପସ୍ଥାପନା କରିଥିଲେ ।ଶେଷରେ ଆଲୋକ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।ସମ୍ବର୍ଦ୍ଧନା ସଭାପରେ ବିଦାୟୀ ଶିକ୍ଷକ ଦ୍ୱୟଙ୍କୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ନିଜଗାଁ କୋଦୋବେଡାରେ ପହଞ୍ଚାଇ ଦେଇଥିଲେ।



## ମିଲର୍ସ ଏଜେଣ୍ଟଙ୍କ ଦ୍ୱାରା ଚାଷୀ ହଇରାଣ

# ୧୫ ଶହ ଟଙ୍କା ଲାଞ୍ଚ ନେଇ ମଧ୍ୟ ଉଠିଲାନି ଧାନ

**ଗୋଲାମୁଣ୍ଡା, ୧୩ ।୨(ସମିସ):** ନିର୍ବାଚନ ସମୟରେ ବିଜେପି ସରକାର ଆସିଲେ ବିନା କଟନି ଛଟନିରେ ଚାଷୀଙ୍କୁ ୩୧ ଶହ ଟଙ୍କା କୁଇଣ୍ଟାଲ ପିଛା ଦିଆଯିବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ଶାସନକୁ ଆସିଲା; ହେଲେ ପ୍ରତିଶ୍ରୁତି ପାଣିର ଗାର ପାଲଟିଲା। ବିଭିନ୍ନ ଆଳ ଦେଖାଇ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୮ରୁ ୧୦ କିଲୋ ଧାନ କଟା ଯାଇଛି। କେତେକ ମଣ୍ଡିରେ ମିଲାର୍ସର ଏଜେଣ୍ଟମାନେ ଚାଷୀଙ୍କଠାରୁ ଧାନ ଉଠାଣ ନିମନ୍ତେ ଆଗୁଆ ୧୨୦୦ ଶହରୁ ୧୫୦୦ ଶହ ଟଙ୍କା ଲାଞ୍ଚ ନେଇଥିବା ଚାଷୀ କହିଛନ୍ତି। ଏହା ସରକାରଙ୍କ ଅପାରଗତାକୁ ସୂଚାଉଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବଡ଼ ଚେରଗାଁ ଧାନ ମଣ୍ଡିରେ ଏହିଭଳି ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି। ପ୍ରାଥମିକ କୃଷି ସମବାୟ ସମିତିରେ ପଞ୍ଜିକରଣ କରିଥିବା ଚାଷୀ ମାନସ ସା ଟୋକନ ସାହାଯ୍ୟରେ ବଡ଼ଚେରଗାଁ ମଣ୍ଡିକୁ ଧାନ ବିକ୍ରୟ କରିବା ପାଇଁ ଆଣିଥିଲେ; ହେଲେ ମିଲର୍ସ ଏଜେଣ୍ଟ ହେମନ୍ତ ସାହୁ ଧାନ ଉଠାଣ ନିମନ୍ତେ ତାଙ୍କଠାରୁ ଆଗୁଆ ୧୫୦୦ ଟଙ୍କା ଲାଞ୍ଚ ନେଇ ମଧ୍ୟ ଧାନ ଓଦା ଅଛି କହି ଉଠାଇ ନ ଥିଲେ। ଏଣୁ ଦୁଇ ଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଗୋଲାମୁଣ୍ଡା ତହସିଲଦର ଚନ୍ଦନ ନାୟକ ଆସି ବୁଝାଇଥିଲେ ମଧ୍ୟ ହେମନ୍ତ ଧାନ ଉଠାଇ ନ ଥିଲେ। ତେବେ ଏ ନେଇ ଅଭିଯୋଗ ପାଇଥିବା ବଡ଼ଚେରଗାଁ ପ୍ୟାକ୍ସର ସଭାପତି ଜୟରାମ ସୁନାନୀ, ସମ୍ପାଦକ ରଞ୍ଜନ ସାହୁ ଓ ଡାଇରେକ୍ଟର ଅଗସ୍ତି ପଧାନ କହିଛନ୍ତି। ଅନ୍ୟପକ୍ଷେ ହେମନ୍ତଙ୍କୁ ପଚାରିବାରୁ ମାନସ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି।

# 'ରାସ୍ତା ସହ ମଧ୍ୟ ସୁସମ୍ପର୍କ ରଖିବାକୁ ହେବ'

## ନୂଆପଡ଼ା ଏନ୍‌ଏସିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ନୂଆପଡ଼ା, ୧୩ ।୨(ସମିସ):** ରାସ୍ତା ବି ଆମ ପଡୋଶୀ। ତା ସହ ସୁ-ସମ୍ପର୍କ ରଖନ୍ତୁ ବୋଲି ନୂଆପଡ଼ା ଏନ୍‌ଏସିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦେଇ ଜିଲ୍ଲାବାସୀଙ୍କୁ ବାର୍ତ୍ତା ଦେଇଛନ୍ତି। ଆମ ଘର ଆମ ଅଗଣା ରାସ୍ତାକୁ ସଫା ରଖିଲେ ଆମ ଜୀବନ ଶୃଙ୍ଖଳିତ ହୋଇଥାଏ। ଜିଲ୍ଲାପାଳ ନିଜେ ଜିଲ୍ଲାବାସୀଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେବାକୁ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି। ହାତରେ ଝାଡୁ, କୋଦାଳ ଧରି ରାସ୍ତା ସଫା କରି ଉତ୍ସାହିତ କରିଛନ୍ତି। ଗୁରୁବାର ସକାଳବେଳା ଜିଲ୍ଲାପାଳ ମଧୁସୂଦନ ଦାଶ ସହରସ୍ଥିତ ନୀଳଶୈଳ ନଗରକୁ ଯାଇଥିଲେ। ସାଥିରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତା, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧାରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ ପ୍ରମୁଖ ସାମିଲ ଥିଲେ। ସଚେତନତା ଧର୍ମୀ ଟି -ସାର୍ଟ ପିନ୍ଧି ସାରାପଡ଼ାରେ ଗୋଟିକ ପରେ ଗୋଟିଏ ଗଳିକୁ ସଫେଇ କରି ବସ୍ତି ବାସିନ୍ଦାଙ୍କୁ ସ୍ୱଚ୍ଛତା ଉପରେ ବାର୍ତ୍ତା ଦେଇଛନ୍ତି ଜିଲ୍ଲାପାଳ। ରାସ୍ତା ବି ଆମରି ପଡୋଶୀ ତା ସହ ସୁସମ୍ପର୍କ ରଖନ୍ତୁ ଏହା ଥିଲା ଜିଲ୍ଲାପାଳଙ୍କ ସ୍ଲୋଗାନ। ଏହା କେବଳ ଅଭିଯାନ ଭାବରେ ସୀମିତ ନରହୁ ବୋଲି କହିଥିଲେ। ଏହି ଅଭିଯାନରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ନରେନ୍ଦ୍ର ମିଶ୍ର, ସିଆରସିସି ଶରତ କୁମାର ପଣ୍ଡା, ପ୍ରବୋଧ କୁମାର ହୋତା, ସଂକର୍ଷଣ ହୋତା, କିଶୋର ପରିଡ଼ା, କଉନସିଲର ମଳୟ ମଣ୍ଡଳ, ସାମାଜିକକର୍ମୀ ଯାଜ୍ଞସେନୀ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ଗୋତି ଶ୍ରମିକ ଉଚ୍ଛେଦ ଦିବସ ପାଳନ

# ସହାୟତା ସହ ପୁନର୍ବାସ ବ୍ୟବସ୍ଥା କରିବାକୁ ଦାବି




**ନୂଆପଡ଼ା, ୧୩ ।୨(ସମିସ):** ଗୋତି ଶ୍ରମିକମାନଙ୍କ ପୁନର୍ବାସ ଓ ସାହାଯ୍ୟ ପ୍ରଦାନ ପାଇଁ ଶ୍ରମ ବାହିନୀ ନୂଆପଡ଼ା ଜିଲ୍ଲା ଶାଖା ତରଫରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆପଡ଼ା ଜିଲ୍ଲାର ବିଭିନ୍ନ ଗାଁର ଦାଦନ ଶ୍ରମିକମାନେ ବାହାର ରାଜ୍ୟରେ ନିର୍ଯାତନାର ଶିକାର ହୋଇ ଉଦ୍ଧାର ହୋଇଥିଲେ। ରାଜ୍ୟ ସରକାରଙ୍କ ତରଫରୁ ସେମାନଙ୍କୁ ଗୋତି ଶ୍ରମିକର ପ୍ରମାଣପତ୍ର ମଧ୍ୟ ମିଳିଛି ।କିନ୍ତୁ କିଛି ଗୋତିଶ୍ରମିକଙ୍କୁ ସରକାରୀ ସହାୟତା ମିଳିଥିବା ବେଳେ ଅନେକ ଗୋତି ଶ୍ରମିକଙ୍କୁ ଏଯାଏ ସହାୟତା ମିଳି ନାହିଁ। ଗୋତି ଶ୍ରମିକଙ୍କୁ ସରକାରଙ୍କ ସହାୟତା ପ୍ରଦାନ ସହ ପୁନର୍ବାସ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ।ଗୋତି ଶ୍ରମିକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଅଛି ଆଉ ସେମାନଙ୍କୁ ସହାୟତା ଯୋଗାଇ ଦିଆଯାଉଥିବା ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା ଓ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର କହିଥିଲେ। ନୂଆପଡ଼ା ଜିଲ୍ଲାର ଆଇନ ସହାୟତା ଅଫିସରେ ସଚିବ ନବନିତା ଦାଶଙ୍କ ଅଧ୍ୟକ୍ଷତାରେ ଶ୍ରମିକମାନଙ୍କୁ କିପରି ମାଗଣାରେ ଆଇନ ସେବା ମିଳିବ ବୁଝାଇଥିଲେ। ଶ୍ରମିକଙ୍କ ଅଭିଯୋଗ ଶୁଣିବା ସହ ସାହାଯ୍ୟ କରିବାପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଆଇନଜିବୀ କୁମୁଦ ରଞ୍ଜନ ହୋତା ଗୋତି ଶ୍ରମିକ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାର ବିଭିନ୍ନ ଗାଁରୁ ଶତାଧିକ ଗୋତି ଶ୍ରମିକ ଯୋଗଦାନ କରିଥିଲେ।

# କେସିଙ୍ଗା ବଗାଡ଼ରେ ବାଘ ଆତଙ୍କ

**କେସିଙ୍ଗା, ୧୩ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନଏସିର ୨ ନମ୍ବର ୱାର୍ଡ ବଗାଡରେ ବାଘ ଆତଙ୍କ ଦେଖା ଦେଇଛି। ଏଣୁ ପଡ଼ାବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ନିକଟରେ ଗ୍ରାମର ନିର୍ମଳ ଶିଖା ଓ ପବିତ୍ର କରୁଆ ରାତିରେ ଗାଁ ପାହାଡ଼ ନିକଟସ୍ଥ ମନ୍ଦିର ଆଡେ ବୁଲିବାକୁ ଯାଇଥିଲେ। ଏହି ସମୟରେ ଦୂରରୁ ବାରମ୍ବାର ବାଘର ଗର୍ଜନ ଶୁଣି ଭୟରେ ପଳାଇ ଆସି ପଡ଼ାବାସୀଙ୍କୁ କହିଥିଲେ। ଏହା ଶୁଣିବା ପରେ ପଡ଼ାବାସୀ ଡରିଯାଇଛନ୍ତି। ରାତି ହେଲେ ଲୋକେ ଭୟଭୀତ ହୋଇ ପଡୁଛନ୍ତି। ସଞ୍ଜ ହେଲେ ଘରର କବାଟ ବନ୍ଦ କରି ଦେଉଛନ୍ତି। ତେବେ ଖବର ପାଇ ବନ ବିଭାଗ ପାଟ୍ରୋଲିଂ କରିଥିଲା; ହେଲେ କିଛି ପାଇନି। ଏହାସତ୍ତ୍ୱେ କ୍ୟାମେରା ଲଗାଯାଇଛି ବୋଲି ବନ ବିଭାଗ କହିଛି।

# ସ୍ତ୍ରୀର ଛୁରାମାଡ଼ରେ ସ୍ୱାମୀ ଗୁରୁତର

**କେସିଙ୍ଗା, ୧୩ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ୯ ନମ୍ବର ୱାର୍ଡ ଜଗନ୍ନାଥପଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କ ଛୁରା ମାଡ଼ରେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ହେଲେ ରାମକୃଷ୍ଣ କୈବର୍ତ୍ତ। ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କେସିଙ୍ଗା ଜଗନ୍ନାଥପଡ଼ାସ୍ଥିତ କୈବର୍ତ୍ତ ପଡ଼ାରେ ରହି ସେ ମାଛ ବ୍ୟବସାୟ କରନ୍ତି। ୨ ପୁଅ, ଗୋଟିଏ ଝିଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ସଂସାର। ରାମକୃଷ୍ଣ କହିବା ଅନୁସାରେ ତାଙ୍କ ସ୍ତ୍ରୀ ତାଙ୍କୁ ଛୁରାମାଡ଼ କରି ଗୁରୁତର କରିଛନ୍ତି। ଅନ୍ୟପକ୍ଷେ ୧୪ ବର୍ଷର ପୁଅ ସ୍କୁଲରୁ ଆସି ବାପା ମାଙ୍କ ଝଗଡ଼ା ଶୁଣି ବିଷ ପିଇ ଦେଇଛି। ପୁଅ ବର୍ତ୍ତମାନ ସୁସ୍ଥ ଅଛି। ସୂଚନାଯୋଗ୍ୟ, ୩ ମାସ ପୂର୍ବେ ମଧ୍ୟ ଝଗଡ଼ା ଲାଗି ରାମକୃଷ୍ଣଙ୍କୁ ତାଙ୍କ ସ୍ତ୍ରୀ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# କୋକସରାରେ ନିଯୁକ୍ତି ପରାମର୍ଶ ଶିବିର



**କୋକସରା, ୧୩ ।୨(ସମିସ):** କୋକସରା ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ କାର୍ଯ୍ୟାଳୟର ବରିଷ୍ଠ କିରାଣି ବିନୋଦ ନାଏକ, ପ୍ରିୟା ବୋଡାଡେ, କର୍ମନିଯୁକ୍ତି ସଂସ୍ଥାର ମୁଖ୍ୟ କିରାଣି ସୁବ୍ରତ ମେହେର, କନିଷ୍ଠ କିରାଣି ବିପ୍ଳବ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୧୮ରୁ ୩୦ ବର୍ଷର ଯୁବକ ଯୁବତୀ ଯୋଗ ଦେଇଥିଲେ। ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପରାମର୍ଶ ଦିଆଯାଇଥିଲା। ଭବାନୀପାଟଣା ସରକାରୀ ଆଇଟିଆଇ, ଭବାନୀପାଟଣା ପଲିଟେକନିକ, କଳାହାଣ୍ଡି ଜନଶିକ୍ଷା ସଂସ୍ଥାନ, ବେଦାନ୍ତ ଭଳି ୧୦ରୁ ଅଧିକ କର୍ମ ନିୟୋଜନ ସଂସ୍ଥା ଯୋଗ ଦେଇଥିଲେ। ମାନସ ରଞ୍ଜନ ବାରିକ ସଂଯୋଜନା କରିଥିଲେ। ବିଏଲସି ସୈମ୍ୟାରଞ୍ଜନ ପଣ୍ଡାଙ୍କ ସମେତ ସମସ୍ତ ଏମବିକେ, ସିଆରପି-ସିଏମ୍ ଓ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

# ଦାଦନ ସର୍ଦ୍ଦାର ନିକଟରେ ବନ୍ଧା ପଡ଼ିଛି ନାବାଳିକା ଝିଅ

**କଲମପୁର, ୧୩ ।୨(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅଞ୍ଚଳରେ ଅଭାବ ଅନାଟନର ଶିକାର ହୋଇ ଗୋଟିଏ ପରିବାରର ଜଣେ ନାବାଳିକା ଦାଦନ ସର୍ଦ୍ଦାର ନିକଟରେ ବନ୍ଧକ ଥିବା ଭଳି ଘଟଣା ସାମ୍ନାକୁ ଆସିଛି। ଏହି ନାବାଳିକା ଜଣକ ହେଲେ ମିନଗୁର ମଣ୍ଡି ପଡ଼ାର ବଟକୃଷ୍ଣ ଗୋପାଳଙ୍କ ଝିଅ ସରସ୍ୱତୀ (୧୪)। ଉଦ୍ଧାର କରିବାକୁ ବାପା ମାଆଙ୍କ ଆକୁଳ ନିବେଦନ କରିଛନ୍ତି।



ସ୍ତ୍ରୀ ବିଳାସିନୀ, ବଡ଼ଝିଅ ଲକ୍ଷ୍ମୀ, ଦ୍ୱିତୀୟ ଝିଅ ଲୟ, ତୃତୀୟ ସରସ୍ୱତୀ, ଚତୁର୍ଥ ଝିଅ ବୈଦେହୀ, ପଞ୍ଚମ ଝିଅ ପାର୍ବତୀ, ପୁଅ ହରିଶ ସମେତ ୮୫ବର୍ଷର ବୃଦ୍ଧା ମାଆଙ୍କୁ ନେଇ ବଟକୃଷ୍ଣଙ୍କ ପରିବାର। ୬ ସନ୍ତାନଙ୍କ ମଧ୍ୟରୁ ସରସ୍ୱତୀ ଓ ପାର୍ବତୀ କଥା କହି ପାରୁଥିବା ବେଳେ ଅନ୍ୟ ସମସ୍ତେ ଭିନ୍ନକ୍ଷମ (ମୂକ)। ଝାଟିମାଟି କୁଡିଆ ଘରେ ୯ ପ୍ରାଣୀ କୁଟୁମ୍ବ କୌଣସି ପ୍ରକାରେ ରହି ଆସୁଛନ୍ତି। ସରକାରଙ୍କ ତରଫରୁ ତାଙ୍କୁ ଆବାସ ଘର ଖଣ୍ଡେ ଆସିଥିଲା। ସେହି ଘର ନିର୍ମାଣ ପାଇଁ ପରିବାରବର୍ଗ ଲାଗି ପଡ଼ିଥିଲେ। ଘରର ଏକମାତ୍ର ରୋଜଗାରିଆ ଭାବେ ବଟକୃଷ୍ଣ ପରିବାର ପ୍ରତିପୋଷଣ କରି ଆସୁଥିଲେ। ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାରୁ ଖାଦ୍ୟପେୟର ଅଭାବ ଦେଖାଦେଲା। ଘର ଅଧପନ୍ତରିଆ ରହିଥିବାରୁ ସବୁଛାଡି ସେ ଦାଦନ ଯିବାକୁ ପ୍ରସ୍ତୁତ ହେଲେ। ଜଣେ ଦାଦନ ସର୍ଦ୍ଦାରଙ୍କ ସହ ଯୋଗାଯୋଗ କରି ସ୍ତ୍ରୀ ବିଳାସିନୀ, ଝିଅ ଲୟ ଓ ସରସ୍ୱତୀଙ୍କୁ ଧରି ବାହାରି ପଡ଼ିଲେ। ସେଠାରେ ଦାଦନ ସର୍ଦ୍ଦାର ତାମିଲନାଡୁର ରାମଗୁଣ୍ଡାକୁ ନେଇ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ଏମାନଙ୍କୁ ଜିମା ଦେଲା। ସେହି ସମ୍ପର୍କିୟ ଲୋକ ଏମାନଙ୍କୁ ଭଡାଘର ଯୋଗାଇବା ସହ ଘରକାମରେ ନିୟୋଜିତ କଲେ। କିଛି ଦିନ କାମ କରିବା ପରେ ଖାଦ୍ୟପେୟ ତଥା ଟଙ୍କାର ଅଭାବ ଦେଖାଦେବାରୁ ଏମାନେ ସେହି ଲୋକଙ୍କୁ କହିଲେ। ସେ ଟଙ୍କା ପଇସା କି ଖାଦ୍ୟ ବ୍ୟବସ୍ଥା ନ କରି ଓଲଟା ଗାଳିଗୁଲଜ ଓ ମାରଧର କରିବାରେ ଲାଗିଲା। ନିର୍ଯାତନା ଅସହ୍ୟ ହେବାରୁ ବଟକୃଷ୍ଣଙ୍କ ପରିବାର ଘରକୁ ଫେରି ଯିବାକୁ ଅଡି ବସିଲେ। ସାମାନପତ୍ର ସଜାଡି ଘରକୁ ଆସିବାକୁ ସଜବାଜ ହେଉଥିବା ଖବର ପାଇ ଦାଦନ ସର୍ଦ୍ଦାରର ସମ୍ପର୍କିୟ ବଟକୃଷ୍ଣ ପରିବାର ରହୁଥିବା ଭଡା ଘର ନିକଟରେ ପହଞ୍ଚିଲା। ସ୍ତ୍ରୀ ବିଳାସିନୀକୁ ଧକ୍କା ଦେଇ ୧୪ବର୍ଷର ନାବାଳିକା ଝିଅ ସରସ୍ୱତୀଙ୍କୁ ଧରି ଫେରାର ହୋଇ ଯାଇଥିଲା। ବଟକୃଷ୍ଣର ପରିବାର ସେଠାରେ ଥାନାକୁ ଯାଇ ଏ ବିଷୟରେ ଅଭିଯୋଗ କଲେ; ହେଲେ ରାମଗୁଣ୍ଡା ପୁଲିସ କିଛି ପଦକ୍ଷେପ ନେଲା ନାହିଁ। ଭୋକ ଉପାସରେ ୧୫ ଦିନ ଝିଅର ଫେରିବା ବାଟକୁ ଚାହିଁ ଅପେକ୍ଷା କଲେ; ମାତ୍ର ଝିଅ ଫେରିଲା ନାହିଁ। ଶେଷରେ ଭାଙ୍ଗିପଡ଼ି ଏହି ନିରିହ ଦାଦନ ପରିବାର ଗାଁକୁ ଫେରିବାକୁ ବାଧ୍ୟ ହୋଇଛନ୍ତି। ଏସବୁ ସୂଚନା ଦେବା ସହିତ ଝିଅର ବାପା ମାଆ ଝିଅକୁ ଫେରାଇ ଆଣିବାକୁ ପ୍ରଶାସନ ପାଖରେ ଆକୁଳ ନିବେଦନ କରିଛନ୍ତି। ଝିଅର ଭବିଷ୍ୟତ ନଷ୍ଟ ହେବା ପୂର୍ବରୁ ଝିଅକୁ ଉଦ୍ଧାର କରାଯିବା ଅତ୍ୟନ୍ତ ଆବଶ୍ୟକ ବୋଲି ମିନଗୁର ନାଏବ ସରପଞ୍ଚ ରାମଚନ୍ଦ୍ର ସାହୁ ମତବ୍ୟକ୍ତ କରିଛନ୍ତି।

**ଉଦ୍ଧାର କରିବାକୁ ବାପା ମାଆଙ୍କ ଆକୁଳ ନିବେଦନ**

# ଯୋଗେଶ୍ୱର ମନ୍ଦିରରେ ମହାଶିବରାତ୍ରି ପାଇଁ ପ୍ରସ୍ତୁତି

**ନୂଆପଡ଼ା, ୧୩ ।୨(ସମିସ):** ପଶ୍ଚିମଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ପତୋରାସ୍ଥିତ ଯୋଗେଶ୍ୱର ମନ୍ଦିରରେ ମହାଶିବ ରାତ୍ରି ଓ ଯୋଗେଶ୍ୱର ମହୋତ୍ସବ ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗକୁ ମହା ଶିବରାତ୍ରି ଓ ଯୋଗେଶ୍ୱର ମହୋତ୍ସବ କିପରି ପାଳନ କରାଯିବ ବିଷଦ ଆଲୋଚନା ହୋଇଥିଲା ।ଏଥିରେ ବିଭିନ୍ନ ସମ୍ପୃକ୍ତ ବିଭାଗର ଅଫିସର ଉପସ୍ଥିତ ଥିଲେ ।ଆସନ୍ତା ୨୬ତାରିଖ ଦିନ ହେବାକୁଥିବା ମହାଶିବରାତ୍ରିରେ ପାଞ୍ଚ ଦିନ ଧରି ପାଳନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରି ପର୍ଯ୍ୟଟନ ତଥା ଆଞ୍ଚଳିକ ବିକାଶ ଲାଗି ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଗଲା। ବୈଠକରେ ଟ୍ରଷ୍ଟର ସଭାପତି ମୁରଲୀଧର ପଣ୍ଡା, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀଙ୍କ ସମେତ ଟ୍ରଷ୍ଟର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ମୁରଲୀଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାଲ୍ ସାର୍ଟିଫିକେଟ୍ ଦେଇ ଅଙ୍ଗନବାଡ଼ି ଚାକିରି

# ଅଭିଯୋଗର ୪ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

**ତରଭା,୧୩।୨(ସମିସ):** ସୋନପୁର ଜିଲ୍ଲା ତରଭା ବ୍ଲକ୍ ମରାଡୁଗୁଚ୍ଛା ପଞ୍ଚାୟତ ଗୁହିରାଘାଟର ଅଙ୍ଗନବାଡି କର୍ମୀ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ଉଠିଛି। ସେ କମ୍ ପାଠ ପଢି ଅଧିକ ପାଠ ପଢିଥିବା ଏକ ନକଲି ଶିକ୍ଷାଗତ ଯୋଗ୍ୟତା ଥିବା ସାର୍ଟିଫିକେଟ ଦେଇଛନ୍ତି। ଏହି ନକଲି ପ୍ରମାଣପତ୍ର ମାଧ୍ୟମରେ ଚାକିରି ହାତେଇଛନ୍ତି। ଏ ନେଇ ଗତ ଅକ୍ଟୋବର ୧୪ରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା। ଗୁହିରାଘାଟ ଗ୍ରାମର ମକୁନ୍ଦ ସାହୁ ଓ ଅନ୍ୟମାନଙ୍କ ଦ୍ୱାରା ଅଭିଯୋଗ ହୋଇଥିଲା। କମ୍ ପାଠ ପଢିଥିବାରୁ ଶିଶୁଙ୍କୁ ସେ ଉଚିତ ଶିକ୍ଷା ଦେଇ ପାରୁନାହାନ୍ତି। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଅଛି କି ନାହିଁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ସୋନପୁର ଡିଏସ୍ଡବ୍ଲ୍ୟୁଓଙ୍କୁ ଜିଲ୍ଲାପାଳ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଡିଏସ୍ଡବ୍ଲ୍ୟୁଓ ଚିଠି ସଂଖ୍ୟା ୩୯୧୮ (୧୩।୧୨।୨୪)ରେ ତରଭା ଆଇସିଡିଏସ୍ ସିଡିପିଓଙ୍କୁ ଘଟଣାର ତଦନ୍ତ କରି ୨ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗୁହିରାଘାଟ ଅଙ୍ଗନବାଡ଼ିକର୍ମୀ ଦୁଲଭି ତାଣ୍ଡି ଦାଖଲ କରିଥିବା ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟରେ ସେ ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ୍ ରୁଣ୍ଡିମହୁଲ ଦଧିବାବନ ହାଇସ୍କୁଲରେ ୧୯୮୭ ମସିହାରେ ନବମ ଶ୍ରେଣୀରେ ପଢୁଥିବା ଉଲ୍ଲେଖ ରହିଛି। ଶିକ୍ଷାଗତ ଯୋଗ୍ୟତାର ସତ୍ୟାସତ୍ୟ ଜାଣିବା ପାଇଁ ସିଡିପିଓ ତାଙ୍କର ପତ୍ର ସଂଖ୍ୟା ୨୦ରେ ୮।୧।୨୦୨୫ରେ ରୁଣ୍ଡିମହୁଲ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଚିଠି କରିଥିଲେ।ଏହାର ଉତ୍ତରରେ ଦଧିବାବନ ହାଇସ୍କୁଲର ପ୍ରଧାନ ଶିକ୍ଷକ ତାଙ୍କର ପତ୍ର ସଂଖ୍ୟା ୨/୨୫ (୧୦।୧।୨୫)ରେ ମରାଡୁଗୁଚ୍ଛା ପଞ୍ଚାୟତ ଗୁହିରାଘାଟ ଗ୍ରାମର ଦୁଲଭି ତାଣ୍ଡି ତାଙ୍କର ବିଦ୍ୟାଳୟର ଛାତ୍ରୀ ନୁହନ୍ତି ବୋଲି ଉଲ୍ଲେଖ କରିଛନ୍ତି। ୧୯୮୯ ମସିହାରେ ପ୍ରତିଷ୍ଠା ହୋଇଥିବା ଦଧିବାବନ ହାଇସ୍କୁଲରୁ ଏଭଳି କୌଣସି ସାର୍ଟିଫିକେଟ ଦିଆଯାଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ରୁଣ୍ଡିମହୁଲ ହାଇସ୍କୁଲର ଚିଠି ପାଇବାପରେ ତରଭା ସିଡିପିଓ ପତ୍ର ସଂଖ୍ୟା ୯୫ (୨୦।୧।୨୦୨୫)ରେ ଅଙ୍ଗନବାଡ଼ି କର୍ମୀ ଦୁଲଭି ତାଣ୍ଡିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କାରିବାକୁ ଅନୁରୋଧ କରିଥିଲେ। ଆଜି ସୁଦ୍ଧା କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

## ରାମାୟଣ ପାରାୟଣ ପାଇଁ କଳସ ଶୋଭାଯାତ୍ରା



**ବୀରମହାରାଜପୁର,୧୩।୨(ସମିସ):** ବୀରମହାରାଜପୁର ବ୍ଲକ୍ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ଦନ୍ତାପାଲି ଗ୍ରାମରେ ନବାହ୍ନ ପାରାୟଣ ପାଇଁ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆସନ୍ତାକାଲି (ଶୁକ୍ରବାର) ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ନଅ ଦିନ ଧରି ରାମାୟଣ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଅଛି।କୋଟସମଲାଇର ଶ୍ରୀରାମ ପଣ୍ଡା ବ୍ୟାସ ଗାୟକ, କମଳପୁର ଗ୍ରାମର ବଳରାମ ପଣ୍ଡା ପୂଜକ ତଥା ଦେବେନ୍ଦ୍ର ପଣ୍ଡା ସପତ୍ନୀକ କର୍ତ୍ତା କାର୍ଯ୍ୟ ନିର୍ବାହ କରିବେ।କଳସ ଶୋଭାଯାତ୍ରାରେ ଶ୍ରୀଜଗନ୍ନାଥ ମହିଳା କୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତା ସହିତ ବ୍ଲକ୍ ସରପଞ୍ଚ ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀ ମଧ୍ୟ ସାମିଲ ହୋଇଥିଲେ।

# ବେଆଇନ ଲିଙ୍ଗ ନିରୁପଣ ରୋକିବାକୁ ମାନସମନ୍ଥନ

**ବୌଦ୍ଧ,୧୩।୨(ସମିସ):** ବୌଦ୍ଧ ଜିଲ୍ଲାରେ ବେଆଇନ ଲିଙ୍ଗ ନିରୂପଣ ରୋକିବା ପାଇଁ ଜିଲ୍ଲା ଉପଦେଷ୍ଟା କମିଟିର ଦ୍ୱତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ବୈଠକ ବସିଥିଲା। ଏଥିରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଧ୍ୟକ୍ଷତା କରିଥିଲେ।




ବେଆଇନ ଲିଙ୍ଗ ନିରୁପଣ ରୋକିବା ପାଇଁ କାର୍ଯ୍ୟକାରୀ ହୋଇଥିବା ଆଇନ ୧୯୯୪ରୁ ଲାଗୁ କରାଯାଇଛି। ବୌଦ୍ଧ ସହରରେ ୨ଟି ଅଲଟ୍ରାସାଉଣ୍ଡ କେନ୍ଦ୍ର ପଂଜିକୃତ ହୋଇ କାର୍ଯ୍ୟ କରୁଛି। ଏହାବ୍ୟତୀତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦିଆଯାଉଛି। ସର୍ବେକ୍ଷଣ ଅନୁଯାୟୀ ବୌଦ୍ଧ ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମିବାରେ ଲାଗିଛି। ସର୍ବେକ୍ଷଣ ଅନୁଯାୟୀ ବୌଦ୍ଧ ଜିଲ୍ଲାରେ ୨୦୧୮-୧୯ରୁ ୨୦୨୨-୨୪ ପର୍ଯ୍ୟନ୍ତ ୧୫୯୯୬ ଜଣ ପୁଅ ଜନ୍ମ ହୋଇଥିବାବେଳେ ୧୫୦୩୦ ଜଣ ଝିଅ ଜନ୍ମ ହୋଇଛନ୍ତି। ଏହି ସର୍ବେକ୍ଷଣ ଅନୁଯାୟୀ ୧୦୦୦ ପୁଅରେ ୯୫୦ ଜଣ ଝିଅ ଜନ୍ମ ହୋଇଥିବା ବେଳେ ନବ ଜନ୍ମିତ ଝିଅଙ୍କ ସଂଖ୍ୟା ପୁଅ ତୁଳନାରେ କମ୍ ରହିଛି। ଏହାର କାରଣ ସଂପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗର୍ଭପାତ କିପରି ବନ୍ଦ କରାଯାଇ ପାରିବ ସେ ପ୍ରତି ତତ୍ପର ହେବା ପାଇଁ ଜିଲ୍ଲାପାଳ କମିଟିର ସମସ୍ତ ସଭ୍ୟଙ୍କୁ ଅନୁରୋଧ କରିଥିଲେ। ଏଥିସହ କନ୍ୟା ଭ୍ରୂଣ ସୁରକ୍ଷା ଉପରେ ସମସ୍ତେ ଶପଥ ପାଠ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। କ୍ଲିନିକଗୁଡିକରେ ଅଲଟ୍ରାସାଉଣ୍ଡର ଅନୁଧ୍ୟାନ କରିବା ପାଇଁ ସ୍କ୍ୱାଡ୍ ଗଠନ କରାଯାଇ ତଦନ୍ତ କରାଯାଉଥିବା ବିଷୟରେ ବୈଠକରେ ଅବଗତ କରାଯାଇଥିଲା। ବେସରକାରୀ କ୍ଲିନିକ୍ ଗୁଡିକରେ ଲିଙ୍ଗ ନିରୁପଣ ଆଇନ ଉଲଂଘନ କରାଯାଉଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। କୌଣସି ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ବେଆଇନ ଲିଙ୍ଗ ନିରୂପଣ କରାଯାଉଥିବା ନେଇ ସୂଚନା ପ୍ରଦାନ କରାଗଲେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରଶାସନ ପକ୍ଷରୁ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହିତ ତାଙ୍କ ନାମ ଓ ସମସ୍ତ ତଥ୍ୟକୁ ଗୋପନ ରଖିବା ସହ ଆଇନଗତ ମାମଲାର ସମ୍ମୁଖୀନ ହେବାକୁ ପଡିବ ନାହିଁ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ମୁତାବକ ଅପ୍ରେଲ ୨୦୨୪-୨୫ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୭୮୩ଟି ଅଲଟ୍ରାସାଉଣ୍ଡ ହୋଇଥିବାବେଳେ ୨ଟି ବେସରକାରୀ ଅନୁଷ୍ଠାନରେ ୩୯୭୮ ଜଣଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା ହୋଇଥିବା ଏହି ବୈଠକରେ ସୂଚନା ଦିଆଯାଇଛି। ପ୍ରତି ମାସରେ ହେଉଥିବା ଅଲଟ୍ରାସାଉଣ୍ଡ ସଂପର୍କରେ ସମସ୍ତ ତଥ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଠିକ୍ ସମୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ମାସ ୯ ତାରିଖ (ଛୁଟିଥିଲେ ପର ଦିନ) ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃ ଯୋଜନାରେ ସରକାରୀ ଚିକିତ୍ସାଳୟର ପରାମର୍ଶକ୍ରମେ ବେସରକାରୀ ଅଲଟ୍ରାସାଉଣ୍ଡ ଅନୁଷ୍ଠାନରେ ମାଗଣାରେ ପରୀକ୍ଷା କରାଯିବା ବାଧ୍ୟତାମୂଳକ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ଯେପରି ବୃଦ୍ଧି ହୋଇପାରିବ ଏବଂ ବେଆଇନ ଲିଙ୍ଗ ନିରୁପଣ କିମ୍ବା ଭ୍ରୂଣହତ୍ୟା ଭଳି ଘଟଣା ନ ଘଟିବ ସେଥିପାଇଁ ଯତ୍ନବାନ ହେବାକୁ ଜିଲ୍ଲାପାଳ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ। ଏଥିସହ ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ, ଅଙ୍ଗନବାଡି କର୍ମୀ, ଆଶାକର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ଆଉ ଟିକିଏ ଚେଷ୍ଟା କଲେ କନ୍ୟା ଭ୍ରୂଣ ହତ୍ୟା ଲୋପ ପାଇ ପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଜୟକୃଷ୍ଣ ମିଶ୍ର, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଡିପିଏଚଓ ଡା. ସଂଘମିତ୍ରା ପଣ୍ଡା, ଏଡିପିଏଚଓ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ଶିଶୁରୋଗ ବିଶେଷଜ୍ଞ ଡା. ବିଜୟ ସାହୁ, ମହିଳା ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଡି ସୁବୁଦ୍ଧି, ଜିଲ୍‌ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଲୋକକଳା ବିକାଶ କେନ୍ଦ୍ରର ସଂପାଦିକା ପୁଷ୍ପିତା ପ୍ରଧାନ, ଡିପିଏମ ରୁପକ ମହାପାତ୍ର, ଡିଏଲଏଫ ସଭାପତି ତପସ୍ୱିନୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



# ରାମେଶ୍ୱରରେ ସଂଗମ ଆଳତି

**ସୋନପୁର,୧୩।୨(ସମିସ):** ମନ୍ଦିର ମାଳିନୀ ସୋନପୁରର ରାମେଶ୍ୱର ମନ୍ଦିର ସମ୍ମୁଖରେ ତ୍ରିବେଣୀ ସଂଗମ ଆଳତି ଆୟୋଜିତ ହୋଇଛି।ପବିତ୍ର ମାଘପୂର୍ଣ୍ଣିମା ତଥା ସଙ୍କ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଛି ସଙ୍ଗମ ଆଳତି।ପୂଜକ ପଣ୍ଡିତ ରାଧେଶ୍ୟାମ ପୁରୋହିତଙ୍କ ବେଦମନ୍ତ୍ର ଏବଂଘଣ୍ଟଘଣ୍ଟା ନାଦରେ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ ପ୍ରକମ୍ପିତ ହୋଇଥିଲା।୧୦୮ ଆଳତି ପରେ ଶ୍ରଦ୍ଧାଳୁମାନେ ପୂର୍ଣ୍ଣଚନ୍ଦ୍ରଙ୍କ ଦର୍ଶନ କରି ମହାନଦୀରେ ପତ୍ରଦୀପ ଭସାଇ ଥିଲେ।ସଙ୍ଗମ ଆଳତି ଆୟୋଜନରେ ଶ୍ୟାମାଓଁ ପ୍ରସାଦ ମିଶ୍ର, କିଶୋର ମେହେର,ମନୋଜ ବାରିକ,ଧରଣୀଧର ମିଶ୍ର,ବିଘ୍ନରାଜ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ପ୍ରତିମାସ ପୂର୍ଣ୍ଣମୀ ତିଥିରେ ସଙ୍ଗମ ଆଳତି ଆୟୋଜିତ ହୋଇଥାଏ।

## କଦୋଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବୀରମହାରାଜପୁର,୧୩।୨(ସମିସ):** ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ୍ ଅନ୍ତର୍ଗତ କାଦୋଦର ମାଁ ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତଦୁଇ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ବଲ୍ଲଭ ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଆଚରଣ ଓ ସଂସ୍କାରିତ ଜୀବନଯାପନକୁ ପାଥେୟ କରି ଜୀବନକୁ ସରସ ସୁନ୍ଦର କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଯୁକ୍ତ ଦୁଇ ପ୍ରଥମବର୍ଷ ଛାତ୍ରୀ ସୀମାରାଣୀ ପର୍ଡିଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିବା ବେଳେ ଯସ୍ମିନ ପଧାନ, ବର୍ଷାରାଣୀ ବେହେରାମାଳି, ପୂଜା ବଡମାଳି ବିଦାୟକାଳୀନ ସଂଗୀତ ଗାନ କରିଥିଲେ।ସମ୍ମାନିତ ଅତିଥି ଭାବରେ ଅଧାପିକା ରଞ୍ଜିତା ମିଶ୍ର, ସାଧନା ମେଲ୍ଲୀ, ଅଧାପକ ଉଦ୍ଧବ ପଧାନ, ନିତ୍ୟାନନ୍ଦ ମିଶ୍ର,ଅମିତାରାଣୀ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ଅନୁଭୂତି ବର୍ଣ୍ଣନା କରି ସମସ୍ତଙ୍କୁ ଭାବବିହ୍ୱଳ କରିଦେଇଥିଲେ।କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମକର୍ତ୍ତା ତଥା ନରୋତ୍ତମ କର୍ମୀ ,ଶମ୍ଭୁ ଭୋଇ, ସଂଜୀବ ଦନ୍ତା,ସୁଶାନ୍ତ ମିଶ୍ର, ଯୋଗୀନ୍ଦ୍ର ପଧାନ, ବାଦଲ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଇଂରାଜୀ ଅଧାପକ ସୁଶାନ୍ତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚୁ ପାଣ୍ଡବ ପୀଠରେ ବିଶ୍ୱ ସନାତନ ନାମଯଜ୍ଞ



**ବୌଦ୍ଧ,୧୩।୨(ସମିସ):** ବୌଦ୍ଧ ସଦର ବ୍ଲକ୍ ଆମ୍ବଝରୀ ପଞ୍ଚାୟତ ନେନ୍ଦନ ଗ୍ରାମସ୍ଥିତ ପବିତ୍ର ପଞ୍ଚୁ ପାଣ୍ଡବ ପୀଠରେ ବୌଦ୍ଧ ଜିଲ୍ଲା ଧାର୍ମିକ ସାସ୍କୃତିକ ଓ ସେବା ମହାସଂଘ ସହଯୋଗ ଓ ନେନ୍ଦନ ଗ୍ରାମବାସୀଙ୍କ ଆୟୋଜନ କ୍ରମେ ବିଶ୍ୱ ସନାତନ ନାମଯଜ୍ଞ, କୃଷ୍ଣଗୁରୁ ଅଷ୍ଟ ପ୍ରହର ଓ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୀଠର ଉନ୍ନତି ପାଇଁ ମହାସଂଘର ସଭାପତି ତଥା ସଂସ୍କୃତି ଗବେଷକ ରମେଶ ପ୍ରସାଦ ମେହେରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ କୃତିବାସ ପଲିଆ ଯୋଗଦେଇ ପଞ୍ଚୁ ପାଣ୍ଡବ ପୀଠର ଉନ୍ନତି ନିମନ୍ତେ ମହାସଂଘ ତରଫରୁ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରାଯାଉ ବୋଲି ନିଜ ବକ୍ତବ୍ୟରେ ପରିପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ନେନ୍ଦନ ଗ୍ରାମର ଗଉଁତିଆ ତଥା ଆମ୍ବଝରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜାତକ ପ୍ରଧାନ, ମାହେଶ୍ୱରୀ ଗୋଶାଳା ଉପଦେଷ୍ଟା ଖଗେଶ୍ୱର ବାବା, ଅଧ୍ୟକ୍ଷ ନିର୍ଗୁଣ ମହାକୁଡ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବୌଦ୍ଧ ଜିଲ୍ଲାର ଧାର୍ମିକ, ଐତିହାସିକ ଓ ପର୍ଯ୍ୟଟନ ସ୍ଥଳର ବିଶେଷ ଗୁରତ୍ୱ ବହନ କରୁଥିବା ପୀଠର ବିକାଶ ହେବା ନିହାତି ଆବଶ୍ୟକ ବୋଲି ପ୍ରକାଶ କରିବା ସହ ଆସନ୍ତା ବର୍ଷ ଏଠାରେ ମହାସଂଘ ତରଫରୁ ପଞ୍ଚୁ ପାଣ୍ଡବ ମହୋତ୍ସବ ଆୟୋଜନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏହା ଫଳରେ ଉପାନ୍ତ ଅଞ୍ଚଳର କଳାକାରରଙ୍କ ବିକାଶ ହେବା ସହ ସେମାନଙ୍କ କଳାର ବିକାଶ ମଧ୍ୟ ହୋଇ ପାରିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ମହାସଂଘର ସଂପାଦକ ଅରୁଣ ମେଣ୍ଡୁଲିଙ୍କ ତତ୍ୱବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ସଂଯୋଜକ ସୁରେନ୍ଦ୍ର କର୍ଣ୍ଣ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବ୍ଲକ୍‌ସ୍ତରୀୟ କଳାକାରଙ୍କୁ ସମ୍ବର୍ଦ୍ଧନା କରାଯାଇ ଥିଲା। ପୀଠର ପୂଜାରିଣୀ ଯଶୋଦା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଶେଷରେ ବ୍ଲକ୍ ଉପ-ସଭାପତି ଅଶୋକ ମନହୀରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା

# ପ୍ରଥମ ସେମି ଫାଇନାଲରେ ବୌଦ୍ଧ ଗେହ୍ଲା ମା' କ୍ଲବ୍ ବିଜୟୀ

**ବୌଦ୍ଧ,୧୩।୨(ସମିସ):** ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ଖେଳ ପଡିଆରେ ଫ୍ରେଣ୍ଡସ କ୍ଲବ୍ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଡ ଆନୁକୂଲ୍ୟରେ ଚାଲିଥିବା ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ପ୍ରଥମ ସେମିଫାଇନାଲ ବୌଦ୍ଧ ଗେହ୍ଲା ମା କ୍ଲବ ଓ ମୁଣ୍ଡାପଡା ଫ୍ରେଣ୍ଡସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ଗେହ୍ଲା ମା କ୍ଲବ ୫ -୨ ଗୋଲରେ ମୁଣ୍ଡାପଡା ଫ୍ରେଣ୍ଡସ କ୍ଲବକୁ ହରାଇ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ଯାଇଛି। ଖେଳରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା, ସମ୍ମାନିତ ଅତିଥି ଭାବେ ମୁଣ୍ଡାପଡା କାର୍ଡ ଅନୁଷ୍ଠାନର ସମ୍ପାଦକ ଧର୍ମଧର ପୋଢ଼, କନିଷ୍ଠ ଯନ୍ତ୍ରୀ ମନୋଜ ପ୍ରଧାନ, ଲକ୍ଷ୍ମୀପ୍ରସାଦ ସମିତି ସଭ୍ୟ ପିଣ୍ଟୁ ମିର୍ଦ୍ଧା, ନାରାୟଣ ନଗର ଶାନ୍ତି କମିଟିର ସଭାପତି କୁନା ମେହେର ଯୋଗ ଦେଇଥିଲେ। ଶୁକ୍ରବାର ମା ନକତାଖୁଡେନ(ବିନିକା)- ଭୈରବୀ କ୍ଲବ (ପୁରୁଣାକଟକ) ଏବଂ ଗୋଲଡେନ କ୍ଲବ (ଅନୁଗୁଳ) ଓ ସ୍ପୋର୍ଟ୍ସ ହଷ୍ଟେଲ (ଫୁଲବାଣୀ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସଲିଲ ବେହେରା, ମାନଭଞ୍ଜନ ମହାରଣା, ଅମିତ ବେହେରା ଖେଳ ପରିଚାଳନା କରିଥିଲେ। ଅମ୍ବରିସ ପ୍ରଧାନ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।



● ବିଦେଶୀ ପକ୍ଷୀଙ୍କ ନିଆରା ପ୍ରେମ

# ପ୍ରେମ ଋତୁ ମନାଇ ବାହୁଡ଼ିଲେ



**ସୋନପୁର,୧୩।୨(ସମିସ):** ଭାଲେଣ୍ଟାଇନ୍ ଡେରେ ସମସ୍ତଙ୍କୁ ତାଜୁବ କରିଛି କିଛି ବିଦେଶୀ ପକ୍ଷୀଙ୍କ ନିଆରା ପ୍ରେମ।ମହାନଦୀର ପ୍ରେମରେ ମତୁଆଲା ହୋଇଛନ୍ତି କିଛି ବିଦେଶୀ ପକ୍ଷୀ। ପ୍ରେମ ଋତୁ କଟାଇବାକୁ ସାତ ଦରିଆ ତେର ନଈ ପାରି ହୋଇ ୧୦ ହଜାର କିଲୋମିଟର ଦୂରରୁ ସୋନପୁରକୁ ଆସନ୍ତି।ମହାନଦୀକୁ ଅତି ନିଜର କରି ନିଅନ୍ତି। ଠିକ ପ୍ରେମ ସପ୍ତାହ ସରିଲେ ତାଙ୍କ ଘର ବାହୁଡ଼ା ଆରମ୍ଭ ହୁଏ।ଏହି ମାଟି, ପାଣି, ପବନକୁ ଭଲ ପାଇ ପ୍ରତ୍ୟେକ ବର୍ଷ କମନ ମର୍ଗାନ୍ସର ନାମକ ଏକ ବିଦେଶୀ ପକ୍ଷୀ ପ୍ରବଳ ଶୀତ ସମୟରେ ସୋନପୁରକୁ ଆସନ୍ତି।ଏହି ବିଦେଶୀ ପକ୍ଷୀଙ୍କୁ ପାଇ ମହାନଦୀ ବି ଖୁବ୍ ଆକର୍ଷଣୀୟ ଦେଖାଯାଏ। ସୋନପୁର ମହାନଦୀ ପ୍ରତି କମନ୍ ମର୍ଗାନ୍ସରଙ୍କ ଆକର୍ଷଣ ଖୁବ୍ ନିଆରା।ଶୀତ ଋତୁ କାଟିବାକୁ ୧୦ ହଜାରରୁ ଅଧିକ କିଲୋମିଟର ଦୂର ନର୍ଥ ଆମେରିକାରୁ ଏହି ବିଦେଶାଗତ ପକ୍ଷୀ ପ୍ରତିବର୍ଷ ସୋନପୁରକୁ ଆସୁଛନ୍ତି।ମହାନଦୀର ବିସ୍ତିର୍ଣ୍ଣ ଜଳରାଶିରେ ଏମାନେ ବିଚରଣ କରନ୍ତି। ପକ୍ଷୀ ଗବେଷକ ଦିନେଶ ମିଶ୍ରଙ୍କ କହିବାନୁସାରେ ଫେବୃଆରୀ ୧୫ ପରେ ଏମାନଙ୍କୁ ଆଉ ସୋନପୁରରେ ଦେଖିବାକୁ ମିଳେନାହିଁ।ସତେ ଯେମିତି ପ୍ରେମ ଋତୁ କଟାଇବା ପାଇଁ ଏହି ବିଦେଶୀ ପକ୍ଷୀମାନେ ସୋନପୁରକୁ ଆସୁଛନ୍ତି।ମହାନଦୀ ଗର୍ଭର ପଥର ଓ ବୁଦା ଏମାନଙ୍କ ସହବସ୍ଥାନ ପାଇଁ ପ୍ରକୃଷ୍ଟ ସ୍ଥାନ।ମହାନଦୀର ମାଛ ଖାଇ ପଥର ଉପରେ ଏମାନେ ଡେଣା ଶୁଖାଇ ଥାନ୍ତି।୫ ବର୍ଷ ହେଲା ସୋନପୁର ମହାନଦୀକୁ ଏହି ବିଦେଶାଗତ ପକ୍ଷୀ ଆସୁଥିବା ରେକର୍ଡ କରାଯାଇଛି।ଏମାନେ ୧୪-୧୫ଟି ପକ୍ଷୀକୁ ନେଇ ଏକ ଦଳ ଗଠନ କରି ରୁହନ୍ତି।ଦଳରେ ୨-୩ଟି ପୁରୁଷ ପକ୍ଷୀ ଥାଆନ୍ତି। ସୋନପୁର ମହାନଦୀରେ ପ୍ରାୟ ଦେଢମାସ ରହିଲା ପରେ ନିଜ ଦେଶକୁ ଫେରି ଯାଆନ୍ତି। ଡିସେମ୍ବର ପ୍ରଥମ ସପ୍ତାହରୁ ପ୍ରାୟ ଫେବୃଆରୀ ୧୫ ଯାଏଁ କମନ୍ ମର୍ଗାନ୍ସର ସୋନପୁରରେ ରୁହନ୍ତି।ସୋନପୁର ପ୍ରତି ଏହି ବିଦେଶୀ ପକ୍ଷୀଙ୍କ ପ୍ରେମର ଅନୁଭୂତି ନେବାକୁ ଦେଶ ବିଦେଶର ପକ୍ଷୀପ୍ରେମୀ ଏଠାକୁ ଟାଣି ହୋଇ ଆସନ୍ତି।

## କନେଷ୍ଟବଲଙ୍କ ମୃତ୍ୟୁ

**ସୋନପୁର/ବିନିକା,୧୩।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ପୁଲିସ ବ୍ୟାରେକରେ ଜଣେ ରିଜର୍ଭ ପୁଲିସ କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି।ମୃତ ପୁଲିସ କର୍ମଚାରୀ ଦିଲ୍ଲୀପ କୁମାର ମିଶ୍ର (୫୦)।ଦିଲ୍ଲୀପ ସୁବର୍ଣ୍ଣପୁର ରିଜର୍ଭ ପୁଲିସରେ କନଷ୍ଟେବଲ ଭାବରେ କାର୍ଯ୍ୟରତ ଥିଲେ। ବିନିକା ସହର ଠାରେ ଚାଲୁଥିବା ପାପକ୍ଷୟ ଲୋକ ମହୋତ୍ସବ ପାଇଁ ସେ ଡ୍ୟୁଟିରେ ବିନିକା ଯାଇଥିଲେ। ବୁଧବାର ରାତି ମହୋତ୍ସବରେ ନିଜର ଡ୍ୟୁଟି ସାରିବା ପରେ ପୁଲିସ ବ୍ୟାରେକକୁ ଯାଇ ଶୋଇଥିଲେ। ସକାଳୁ ଅନ୍ୟ ପୁଲିସ କର୍ମଚାରୀ ତାଙ୍କୁ ଉଠାଇବାରୁ ସେ ଉଠି ନଥିଲେ। ପରେ ପୁଲିସ ବ୍ୟାରେକକୁ ଡାକ୍ତର ଆସି ଅନୁଧ୍ୟାନ ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରି ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ରିଜର୍ଭ ପୁଲିସ୍ କାର୍ଯ୍ୟାଳୟରେ ସୋନପୁର ପୁଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା।ଏସ୍‌ପି ରାମପ୍ରସାଦ ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।କେଉଁ କାରଣରୁ ମୃତ୍ୟୁ ଘଟିଛି ଜଣାପଡ଼ି ନ ଥିବା ବେଳେ ଶବବ୍ୟବଚ୍ଛେଦ ପରେ ମୃତ୍ୟୁରକାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।



## ଭାଲେଣ୍ଟାଇନ୍ସ ଡେ' ପାଇଁ ଦୋକାନରେ ଭିଡ଼

**ବିନିକା,୧୩।୨(ସମିସ):** ପ୍ରେମ ସତ୍ୟ ଚିରନ୍ତନ ବୋଲି କେଉଁ ଆବାହନ କାଳରୁ ଶୁଣିବାକୁ ମିଳେ।ପୁରାଣ ଯୁଗରେ ରାଧା-କୃଷ୍ଣଙ୍କ ପ୍ରେମଲୀଳା ଆଜି ବି ଜନମାନସରେ ରହିଛି। ଆଧୁନିକ ଯୁଗରେ ପ୍ରେମ କାହାଣୀର ବିଷୟବସ୍ତୁ ଦୂରଦର୍ଶନ ସହ ବିଭିନ୍ନ ଖବରକାଗଜରେ ପୃଷ୍ଠା ମଣ୍ଡନ କରୁଛି।ବିଭିନ୍ନ ବର୍ଗର ଯୁବକ ଯୁବତୀ ଭିନ୍ନ ଭିନ୍ନ ଭାବରେ ପାଳନ କରୁଥିବା ପ୍ରେମ ଦିନଟିକୁ ସ୍ମରଣ କରିବା ପାଇଁ ଫେବୃଆରୀ ୧୪ତାରିଖକୁ ଭାଲେଣ୍ଟାଇନ ଡେ ଅର୍ଥାତ ପ୍ରେମ ଦିବସ ରୂପେ ସମଗ୍ର ଦେଶରେ ପାଳନ ହେଉଛି। ଭାଲେଣ୍ଟାଇନ୍ ଡେରେ କିଏ କାହାକୁ କଣ ଉପହାର ଦେବ ସେ ନେଇ ଚାଲିଛି ପ୍ରତିଯୋଗିତା।ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ଦୋକାନରେ ବ୍ୟବସାୟୀମାନେ ମନପସନ୍ଦ ସାମଗ୍ରୀ ବିକ୍ରୟ ପାଇଁ ସଜ୍ଜିତ କରିଛନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ମନ ପସନ୍ଦ ଉପହାର କିଣିବା ପାଇଁ ଦୋକାନ ଗୁଡ଼ିକରେ ଭିଡ଼ ଜମୁଛି। କିନ୍ତୁ ବର୍ତ୍ତମାନ ଯୁଗରେ ନାରୀ ନିର୍ଯାତନା, ଦୁଷ୍କର୍ମ,ଅତ୍ୟାଚାର,ଗଣବଳାତ୍କାର ଯେଭଳି ଭାବରେ ବୃଦ୍ଧି ପାଉଛି ତାକୁ ପ୍ରତିହତ କରିବା ପାଇଁ କେତେକ ସଚେତନ ବ୍ୟକ୍ତି ଓ ବିଭିନ୍ନ ସଂଗଠନ ଏହାର ତୀବ୍ର ବିରୋଧ କରୁଛନ୍ତି।ଏହି ଦିବସକୁ ମାତୃ-ପିତୃ ପୂଜନ ଦିବସ କିମ୍ବା ପରିବାରର ସମସ୍ତ ସଦସ୍ୟ ଏକାଠି ରହି ନିଜ ନିଜ ଭିତରେ ସ୍ନେହ, ଶ୍ରଦ୍ଧା,ମମତା,ନିବିଡ଼ ସମ୍ପର୍କ ସୃଷ୍ଟିକରି ସମ୍ମାନର ସହ ପାଳନ କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି।

## ଚତୁର୍ଥ ବାଉଁଶୁଣୀ ଲୋକ ମହୋତ୍ସବ ଉଦ୍‌ଯାପିତ

**ବୌଦ୍ଧ,୧୩।୨(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣୀ ନିକଟ ବାଘନଦୀ ଓ ମହାନଦୀର ସଙ୍ଗମ ସ୍ଥଳରେ ଗତ ୮ ତାରିଖରୁ ଚାଲିଥିବା ଚତୁର୍ଥ ବାଉଁଶୁଣୀ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଛି। ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରୀପାଠୀ, ସାଂସ୍କୃତିକ ପରିଷଦ ଉପଦେଷ୍ଟା ସଭ୍ୟ ପ୍ରଭାସ ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କମିଟି ସଭାପତି ଉମା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସାହିତ୍ୟିକ ବିଷ୍ଣୁପ୍ରସାଦ ତ୍ରୀପାଠୀ, ଅନ୍ତର୍ଜାତୀୟ ଫେସନ୍ ଡିଜାଇନର୍ ସୁଜିତ୍ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ବାଉଁଶୁଣି ସାଂସ୍କୃତିକ ପରିଷଦର ମନୋଜ ଗାଇଗୌରିଆ, ବିକାଶ ଅଗ୍ରୱାଲ, ଅଭିନାଶ ମିଶ୍ର, ବ୍ରିଜେଶ ନାୟକ, ଶମ୍ଭୁ ମେହେର, ସନ୍ତୋଷ ଥନାପତି, ପ୍ରଫୁଲ୍ଲ ପତି, ଉତ୍ତମ ନାଏକ, ସନ୍ତୋଷ ହାତୀ, ଉତ୍ତମ ନାଏକ, ଜିବାନନ୍ଦ କୁମ୍ଭାରଙ୍କ ସମେତ ସମସ୍ତ ସଭ୍ୟ, ମାଁ ମାହେଶ୍ୱରୀ ଜୁନିଅର୍ କଲେଜର ଛାତ୍ର ଓ ମାହେଶ୍ୱରୀ ସେନା ସହଯୋଗ କରିଥିଲେ। ତନିସା ଅଗ୍ରୱାଲ, ଛବିଳ ମେହେର ଓ ଶ୍ରୀନିବାସ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚପଲ ବିକାଳିରୁ ହାଇସ୍କୁଲ ଶିକ୍ଷକ

## ଦାଦନ ପରିବାରର ସଂଘର୍ଷମୟ କାହାଣୀ

**ବେଲପଡ଼ା, ୧୩।୨(ସମିସ):** କଥାରେ ଅଛି ଯଦି ମନରେ ଦୃଢ଼ ଇଚ୍ଛାଶକ୍ତି ଥିବ କଠିନରୁ କଠିନ କାମକୁ ବି ସହଜରେ ହାସଲ କରିହେବ। ଯାହାକୁ ବାସ୍ତବରେ ସତ କରି ଦେଖାଇଛନ୍ତି ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଭରୁଆମୁଣ୍ଡା ଗାଁର ଉତ୍ତମ କୁମ୍ଭାର। ଯିଏ ପିଲା ଦିନେ ନିଜ ସ୍ୱପ୍ନକୁ ସାକାର କରିବାକୁ ଦୋକନରେ ରହି ଚପଲ ବିକ୍ରି କରୁଥିଲେ, ଆଜି ସେ ହୋଇ ପାରିଛନ୍ତି ହାଇସ୍କୁଲ ଶିକ୍ଷକ। ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ମେଳାରେ ସେ ପାଇଛନ୍ତି ଚାକିରି ପ୍ରମାଣପତ୍ର। ଉତ୍ତମଙ୍କ ପରିଶ୍ରମକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଉତ୍ତମଙ୍କ ପରିବାର କହିଲେ ବାପା, ମାଆ ଓ ଦୁଇ ଭଉଣୀ। ବାପା ଯୁବରାଜ କୁମ୍ଭାର ଜଣେ ଦାଦନ ଶ୍ରମିକ ହୋଇଥିବାରୁ ପରିବାର ପ୍ରତିପୋଷଣ ସହ ପିଲାଙ୍କ ପାଠପଢ଼ା ଖର୍ଚ୍ଚ କରିବା କଷ୍ଟସାଧ ହୋଇପଡ଼ିଥିଲା। ନାନା ସମସ୍ୟା ଦେଇ ଗତି କରୁଥିବା ଉତ୍ତମ କେବେ ହାର୍ ମାନି ନ ଥିଲେ। ଗୋଟିଏ ପଟେ ପରିବାର ବୋଝ ଅନ୍ୟପଟେ ନିଜ ପାଠପଢ଼ା ଚିନ୍ତା। ଏମିତି ଝଡ଼ଝଞ୍ଜା ଭିତରେ ସେ ବେଲପଡ଼ା ସହରରେ ଥିବା ଜେ.ପି ଚପଲ ଦୋକାନରେ କାମ ଆରମ୍ଭ କରିଥିଲେ। ଦୋକାନରୁ ମିଳୁଥିବା ଟଙ୍କାରେ ସେ ପରିବାର ପ୍ରତିପୋଷଣ ସହ ନିଜ ପାଠପଢ଼ା ଖର୍ଚ୍ଚ ବହନ କରୁଥିଲେ। ଯେତିକି ସମୟ ମିଳେ ସେ ପାଠ ପଢ଼ନ୍ତି। ବେଲପଡ଼ା ପଞ୍ଚାୟତ ସମିତି କଲେଜରେ ଡିଗ୍ରୀ ହାସଲ ପରେ ବଲାଙ୍ଗିର ରାଜେନ୍ଦ୍ର କଲେଜରେ ପିଜି ପାଠ୍ୟକ୍ରମରେ ସଫଳତା ହାସଲ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ମେଳାରେ ସେ ଏହି ନିଯୁକ୍ତ ପତ୍ର ପାଇଛନ୍ତି। ଏବେ କଟକ ଜିଲ୍ଲାରେ ଚାକିରିପାଇଥିବାବେଳେ ୫୦ ହଜାର ଟଙ୍କାରୁ ଅଧିକ ଟଙ୍କା ପାଇବେ। ସେଥିପାଇଁ ପରିବାର ଲୋକଙ୍କ ଖୁସି କହିଲେ ନ ସରେ।



# ପାପକ୍ଷୟ ଲୋକ ମହୋତ୍ସବର ୩ୟ ସନ୍ଧ୍ୟା

# ସମ୍ବଲପୁରର ପଞ୍ଚବାଦ୍ୟ ଲୋକନୃତ୍ୟରେ ଦର୍ଶକ ବିଭୋର





**ବିନିକା, ୧୩।୨(ସମିସ)**

ବିନିକା ପାପକ୍ଷୟ ଲୋକ ମହୋତ୍ସବ ୩ୟ ସନ୍ଧ୍ୟାରେ ସାଂସ୍କୃତିକ ଅନୁଷ୍ଠାନ ସମ୍ବଲପୁରର ପଞ୍ଚ ବାଦ୍ୟ ଲୋକନୃତ୍ୟରେ ମଞ୍ଚ ଦୁଲକି ପଡ଼ିଥିଲା। କଳାକାରଙ୍କ ନୃତ୍ୟରେ ଦର୍ଶକ ବିଭୋର ହୋଇ ଉଠିଥିଲେ। କଳାକାରଙ୍କୁ ଉତ୍ସାହିତ କରିବା ପାଇଁ କଳାପ୍ରେମୀ ଦର୍ଶକ ଖୁସି ମନାଉଥିବା ଦେଖିବାକୁ ମିଳିଥିଲା।ସେହିପରି ସ୍ୱର୍ଣ୍ଣ ଶିଖା ସେଲେଡି, ବିନିକା ଶିଶୁ ବିକାଶ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ଙ୍କ ନୃତ୍ୟ ଆକର୍ଷଣୀୟ ହୋଇଥିଲା ଅନ୍ୟପକ୍ଷରେ କଣ୍ଠଶିଳ୍ପୀ ଡ଼ ଅନିରୁଦ୍ଧ କୁର କୁରିଆ, ଅଶୋକ ବିଶି, ସୁଶିଲ ମହାଲିଙ୍ଗ, ଦେବାନନ୍ଦ ଦାସ, ବିଚି ମେହେର, ତପସ୍ୱିନୀ ଦାସଙ୍କ ମୁଖରୁ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ମୁଗ୍ଧ କରିଥିଲା।କମିଟି ସଭାପତି ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ମଞ୍ଚରେ ବିନିକା ବ୍ଲକ ଅଧ୍ୟକ୍ଷା ଦିପ୍ତିରେଖା ନନ୍ଦ, ସ୍ୱତନ୍ତ୍ର ଅତିଥି ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଓଏଫଏସ ତୁଳାରାମ କଲେତ, ସମ୍ମାନିତ ଅତିଥି ଭାବେ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ବିନିକା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅଶୋକ ନନ୍ଦ, ଯୁବ ସଂଗଠକ କୃତିବାସ ମିଶ୍ର, ଉପାଧ୍ୟକ୍ଷ ନିର୍ମଳ ଷାଣ୍ଡ ପ୍ରମୁଖ ଯୋଗଦେଇ ଅଞ୍ଚଳର କଳା ସଂସ୍କୃତି ଉପରେ ଆଲୋକପାତ କରିବା ସହିତ ଏହାର ପ୍ରଚାର ପ୍ରସାର ଓ ବିକାଶ କିପରି ହୋଇପାରିବ ସେ ଦିଗରେ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ମଞ୍ଚକୁ ଶିକ୍ଷକ ହିମାଂଶୁ ଭୁଷଣ ପଣ୍ଡା, ସୌମ୍ୟ ରଞ୍ଜନ ପୂଜାରୀ ପରିଚାଳନା କରିଥିବା ବେଳେ କମିଟି ସମ୍ପାଦକ ଧର୍ମେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘୋଷକ ଦେବ ରଞ୍ଜନ ପଣ୍ଡା, ଉଦ୍‌ଘୋଷିକା ଅଙ୍କିତା ପାଢ଼ୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜାତୀୟ ଖେଳରେ ରେଫରି ଦାୟିତ୍ୱ ତୁଲାଇଥିବା ଚରଦା ଗ୍ରାମର ଜିତେନ୍ଦ୍ରିୟ ଥନାପତିଙ୍କୁ ପାପକ୍ଷୟ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ, ଓଇଏସ କରନ୍ ଶର୍ମା, ଗୌରବ ପାଢ଼ୀ, ଅମୃତାଂଶୁ କୁମ୍ଭାରକୁ ସମ୍ମାନ ପତ୍ର ଏବଂ ବିଭିନ୍ନ ଅନୁଷ୍ଠାନର କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଜିଠାରୁ ମୁରିବାହାଲ ଧନୁଯାତ୍ରା ମହୋତ୍ସବ

**ମୁରିବାହାଲ, ୧୩।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦରସ୍ଥିତ ଧନୁଯାତ୍ରା ପଡ଼ିଆଠାରେ ଷଷ୍ଠ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଅର୍ଥାତ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଧନୁଯାତ୍ରା ମହୋତ୍ସବରେ ମୁରିବାହାଲ ମଥୁରା ନଗର ଏବଂ ବନବାହାଲ ଗୋପପୁର ପାଲଟିବ। ପୌରାଣିକ କଥାବସ୍ତୁକୁ ନେଇ ନାଟ୍ୟାଭିନୟ ସହିତ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଦର୍ଶକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆୟୋଜକ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଦୁର୍ମିଳା ସୁର ବଧ, ନାରଦ କଂସଙ୍କ ସମ୍ବାଦ, ଦେବକୀ ବିବାହ, କଂସ ସିଂହାସନ ଆରୋହଣ, ଷଡ଼ପୁତ୍ର ବିନାଶ, ସ୍ୱର୍ଗପୁର ଆକ୍ରମଣ, ନନ୍ଦ ଉତ୍ସବ, କାଳୀୟ ଦଳନ, ଗୋପପୁର ରେ କାର୍ଯ୍ୟକ୍ରମ ଆୟୋଜିତ ହେବ। ପୋଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳା ବ୍ୟବସ୍ଥା ରହିଥିବା ସୂଚନା ଦିଆଯାଇଥିଲା। ଧନୁଯାତ୍ରା ଉତ୍ସବ ସମ୍ପର୍କରେ ଧନୁଯାତ୍ରା ପଡ଼ିଆଠାରେ ଗୁରୁବାର ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଧନୁଯାତ୍ରା କମିଟିର ସଭାପତି ଶ୍ରୀବତ୍ସ ବେହେରା, ଉପସଭାପତି ସୁବ୍ରତ ମହାକୁର, ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଲକ୍ଷ୍ମୀକାନ୍ତ ଧରୁଆ, ଶ୍ୟାମସୁନ୍ଦର ଝାଙ୍କର, ଦିବ୍ୟ ସୁନ୍ଦର ସାହୁ, ରାଜୀବ ମହାନ୍ତି, ନାରାୟଣ ସାହୁ, ରମେଶ କୁମାର ନାଗ, ସୁଦାମ ସାହୁ, କୋଷାଧ୍ୟକ୍ଷ ଭରତ ଦାସ, ପଦ୍ମଲୋଚନ ସାହୁ, ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ, ଯୋଗେନ୍ଦ୍ର ଥାଟି, ରାଜନାଗ, ଗୋବିନ୍ଦ ସେଟ୍, ବୈରିଷ୍ଟ ପୋଢ଼, ଉଦିତ କଟା, ଅଜିତ ବାଗ, ଲିଲୁ ଜାଲ, ପ୍ରଚାରପ୍ରସାର ସମ୍ପାଦକ ମନୋଜ କୁମାର କର, କେଦାର ବଡ଼ଜେନା, କମିଟି ସଦସ୍ୟ ବାବୁଲି ରାଉତ, କରନ ଜାଲ, ବିରଞ୍ଚି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଅତିରିକ୍ତ ଆର୍‌ଆଇଙ୍କ ଭରସାରେ ମ.ରାମପୁର ରାଜସ୍ୱ ନିରୀକ୍ଷକ ଅଫିସ

**ମ.ରାମପୁର, ୧୩।୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ତହସିଲ ଅଧୀନ ମ.ରାମପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ରହୁ ନାହାନ୍ତି। ଏଣୁ ଲୋକେ ହଇରାଣ ହରକତ ହେଉଛନ୍ତି। ବିଭିନ୍ନ କାମରେ ବାରମ୍ବାର ସାଧାରଣ ଲୋକେ କାର୍ଯ୍ୟାଳୟକୁ ଆସୁଛନ୍ତି; ହେଲେ ତାଙ୍କ ଅନୁପସ୍ଥିତି ଯୋଗୁଁ କାମ ହେଇପାରୁନାହିଁ। ଫଳ ସ୍ୱରୂପ ସମସ୍ୟା ଦେଖାଯାଉଛି। ଏହି କାର୍ଯ୍ୟାଳୟରେ ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକ ଗଣେଶ୍ୱର ଭୋଇ ବାରବନ୍ଧା ରାଜସ୍ୱ ସର୍କଲ ଦାୟିତ୍ୱ ସହ ମ.ରାମପୁର ଦାୟିତ୍ୱ ତୁଲାଉଛନ୍ତି। ତେଣୁ ସେ ନା ବାରବନ୍ଧାରେ ନିୟମିତ ରହୁଛନ୍ତି ନା ମ.ରାମପୁର ଆସିପାରୁଛନ୍ତି। ମ.ରାମପୁର ଏକ ମୁଖ୍ୟାଳୟ। ରୋଜଗାର ପ୍ରମାଣ ପତ୍ର, ବାସିନ୍ଦା ପ୍ରମାଣ ପତ୍ର, ଜାତି ପ୍ରମାଣ ପତ୍ରଠାରୁ ରାଜସ୍ୱ ଆଦାୟ ଭଳି ଅନେକ କାମ ପାଇଁ ଅଞ୍ଚଳବାସୀ ଏହି କାର୍ଯ୍ୟାଳୟ ଉପରେ ନିର୍ଭର କରନ୍ତି; କିନ୍ତୁ ଜଣେ ଏଆରଆଇଙ୍କ ଦ୍ୱାରା ହିଁ ମ.ରାମପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଚାଲିଛି।

## ଆବର୍ଜନାକୁଣ୍ଡ ପାଲଟିଛି ଦୈନିକ ପରିବା ବଜାର

# କ୍ରେତା ବିକ୍ରେତାଙ୍କ ପାଇଁ ନାହିଁ ସୁବିଧା

**ସୁବଳୟା, ୧୩।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଦୈନିକ ପନିପରିବା ବଜାର ଦୁର୍ଗନ୍ଧମୟ ପାଲଟିଛି। ଯାହାଫଳରେ କ୍ରେତା ବିକ୍ରେତାଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଅଞ୍ଚଳର ବହୁ ଚାଷୀ ବୀରମହାରାଜପୁର ଦୈନିକ ବଜାର ଉପରେ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ସକାଳ ଠାରୁ ମଧ୍ୟାହ୍ନ ସମୟ ପର୍ଯ୍ୟନ୍ତ ଚାଷୀ ଖରା ବର୍ଷା ଶୀତରେ ନିଜର ପନିପରିବା ବିକ୍ରି କରୁଥିବା ଦେଖିବାକୁ ମିଳିଛି।ବଜାର ପରିସର ଅପରିଷ୍କାର ରହୁଥିବା ବେଳେ ପିଇବା ପାଣିର ବ୍ୟବସ୍ଥା ନାହିଁ। କ୍ରେତା ବିକ୍ରେତାମାନେ ଆସୁଥିବା ସାଇକଲ ଓ ବାଇକ୍ ଅସୁରକ୍ଷିତ ସ୍ଥାନରେ ରଖୁଥିବା ଦେଖିବାକୁ ମିଳିଛି। ଯାହାଫଳରେ ଚୋରି ହେଉଥିବା ବିଭିନ୍ନ ସମୟରେ ଥାନରେ ଅଭିଯୋଗ ହେଇଛି। ପଞ୍ଚାୟତ କର୍ତ୍ତୃପକ୍ଷ ବିକ୍ରୋତାଙ୍କ ଠାରୁ ବର୍ଷକୁ ଲକ୍ଷାଧିକ ଟଙ୍କା ଟିକସ ଆଦାୟ କରୁଛନ୍ତି ହେଲେ ପିଇବା ପାଣିର ବ୍ୟବସ୍ଥା କରିନଥିବା ବେଳେ ସଫେଇ କାର୍ଯ୍ୟ ହେଉନଥିବା ଯୋଗୁଁ ବଜାର ସାରା ଆବର୍ଜନାମୟ ହେଇଛି। ଆର୍ବଜନା ଜମି ରହି ପଚିସଢି ଦୁର୍ଗନ୍ଧ ହେଉଛି। ଯାହାଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବାକୁ ବୃଦ୍ଧିଜୀବୀ ମହଲରେ ଦାବି ହେଉଛି।



# କବି ବିଷ୍ଣୁପ୍ରସାଦ ତ୍ରିପାଠୀ ସମ୍ମାନିତ

**ଶଗଡ଼ା, ୧୩।୨ (ସମିସ):** କନ୍ଧମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତ ବାସୁଦେବ ପାଲି ଗ୍ରାମର ଯୁବକବି ବିଷ୍ଣୁପ୍ରସାଦ ତ୍ରିପାଠୀ ବାଣୀଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଶ୍ରୀ ତ୍ରିପାଠୀ ପେଶାରେ ଜଣେ ଶିକ୍ଷକ। ସାହିତ୍ୟ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ୩୬ତମ ବାର୍ଷିକ ଉତ୍ସବରେ ସେ ସମ୍ମାନିତ ହୋଇଛନ୍ତି। ତାଙ୍କର କବିତା ସଂକଳନ ମଧ୍ୟରେ ସୁନୟନା ବେଶ୍ ପ୍ରଶଂସିତ।

# ବାଇକ୍ ସହ ଚଉକାଠ ଜବତ: ମାଫିଆ ଫେରାର

**ଶଗଡ଼ା, ୧୩।୨ (ସମିସ):** ବୌଦ୍ଧ ବନଖଣ୍ଡ କନ୍ଧମାଳ ରେଞ୍ଜ ବରପଦର ସେକ୍ସନ ଦେମୁହାଣୀ ନାଳ ନିକଟରୁ ୧୦ ଖଣ୍ଡ ଚଉକାଠ ଜବତ ହୋଇଛି। ଫରେଷ୍ଟର ବୁଲି ବେହେରାଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ଦେମୁହାଣୀ ଅଞ୍ଚଳରେ ପଟ୍ରୋଲିଂ ବେଳେ ଏହି ଚୋରା କାଠ ଚାଲାଣ ଧରିଥିଲା। ଏକ ବାଇକ (ଓଆର ୧୫ପି ୫୩୭ ୯)ରେ ଜଣେ ଚଉକାଠ ଧରି ଆସୁଥିବା ବେଳେ ବନ କର୍ମଚାରୀ ଅଟକାଇଥିଲେ। ବନ କର୍ମଚାରୀଙ୍କୁ ଦେଖି ସେ ବାଇକ୍ ସହ କାଠ ଛାଡି ଫେରାର ମାରିଥିଲା। ବନ ବିଭାଗ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଏହି ଚଢ଼ଉରେ ଫରେଷ୍ଟ ଗାର୍ଡ ସୁନୀଲ ପ୍ରଧାନ, ୱାଚର ତୋଫାନ ମହାକୁଡ଼, ଦୈତାରୀ କହଁର, ସୁଷମା ସାହୁ ପ୍ରମୁଖ ସାମିଲ ଥିଲେ।

# ରଣମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାତୃପିତୃ ପୂଜା

**ଜୟପାଟଣା, ୧୩।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରଣମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମାତୃପିତୃ ଦିବସ ଅନୁଷ୍ଠିତ ହୋଇଯାଇଛି। ଜୟପାଟଣା ଯୋଗ ବେଦାନ୍ତ ସମିତି ଅନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସାମିଲ ହୋଇ ମାତୃପିତୃ ପୂଜା କରିଛନ୍ତି।

# ଆଇସିଡିଏସ୍‌ରେ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ

**କର୍ଲାମୁଣ୍ଡା, ୧୩।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଆଇସିଡିଏସ କାର୍ଯ୍ୟାଳୟରେ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କିଶୋରୀ ବାଳିକାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଡିଓ ଦେବେନ୍ଦ୍ର ସାମଲ, ସମ୍ମାନିତ ଅତିଥି ଭାବେ ସିଡିପିଓ କଳ୍ପଲତା ତ୍ରିପାଠୀ, ସୁପରଭାଇଜର ଉର୍ମିଳା ସାହୁ, ରିଷିଡା ପଞ୍ଚାୟତ ପିଇଓ ଦେବରାଜ ରଣା, ଏସ୍‌ଆରଏ ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସୁରଜିତ ମାଝୀ, ସମ୍ପଦ ଦୀପ, ରାଜୁ ସାହୁ, ଡମ୍ବରୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଅର୍ଥ ଆୟୋଗର ଭୂମିକା ଉପରେ ଆଲୋଚନା

**ଭବାନୀପାଟଣା, ୧୩।୨ (ସମିସ):** ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ଅର୍ଥ ଆୟୋଗର ଭୂମିକା ଉପରେ ଆଲୋଚନା ହୋଇଛି। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅର୍ଥ ଆୟୋଗର କାର୍ଯ୍ୟକାରିତା ସମ୍ପର୍କରେ କୁଳପତି ନିଜର ଅଭିମତ ପ୍ରକାଶ କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଡକ୍ଟର ଚିତ୍ରସେନ ଭୁଏ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ସୀମାଞ୍ଚଳ ମିଶ୍ର ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ୧୬ତମ ଅର୍ଥ ଆୟୋଗର ସଦସ୍ୟ ପ୍ରଫେସର ମନୋଜ ପଣ୍ଡା ଯୋଗଦେଇ ଅର୍ଥ ଆୟୋଗର ଭୂମିକା, କାର୍ଯ୍ୟକାରିତା, ଭାରତୀୟ ଆର୍ଥିକ ସଂଘୀୟତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ରୋଶନ ପଧାନ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡକ୍ଟର ଶେଷଦେବ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଶିଶୁଙ୍କ ଦଗ୍ଧ ଘଟଣାରେ ବଢୁଛି ସମବେଦନା

**ଲାଞ୍ଜିଗଡ଼, ୧୩।୨(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ତାଳବୋରା ଗାଁରେ ୨ ଶିଶୁଙ୍କ ଜୀବନ୍ତ ଦଗ୍ଧ ଘଟଣାରେ ଲୋକଙ୍କ ସମବେଦନା ଓ ସହଯୋଗର ହାତ ବଢୁଛି। କତାନା ମାଝୀ ଓ ତାଙ୍କ ପତ୍ନୀ ସୁଶାରୀ ମାଝୀଙ୍କୁ ବରିଷ୍ଠ ବିଜେଡ଼ି ନେତା ଜଗଦୀଶ ବେନିଆ, ହରିହର କୁମ୍ଭାର, ହରିଶଙ୍କର ପାତ୍ର ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବୀରମହାରାଜପୁର, ୧୩।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଗ୍ରାମରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବୁଧବାର କଳସ ଶୋଭାଯାତ୍ରା କରି ନାମ ମଣ୍ଡପ ଓ ଯଜ୍ଞମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ଗୁରୁବାର ସକାଳୁ ନାମ ଅଧିବାସ ପରେ ନାମ ଯଜ୍ଞ ହୋଇଥିଲା। ଶୁକ୍ରବାର ଦିନ ଦଧିହାଣ୍ଡି ଭଙ୍ଗାଯିବା ସହିତ ପୂର୍ଣ୍ଣାହୁତି ପଡ଼ିଥିଲା। ବିମ୍ବାଧର ସାହୁ ଓ ରାଜଶ୍ରୀ ସାହୁ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇ ଥିବା ବେଳେ ଘନଶ୍ୟାମ ପଣ୍ଡା ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ନାମଯଜ୍ଞ କମିଟିର କହ୍ନେଇ ଚରଣ ପ୍ରଧାନ, ବସନ୍ତ କୁମାର ସାହୁ, କାର୍ତ୍ତିକ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ଦିନ ଅପରାହ୍ନରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ମହିଳା ସଙ୍କୀର୍ତ୍ତନ ବୈଠକ ପରିବେଷଣ ହୋଇଥିଲା। ବରଗଡ଼ ଜିଲ୍ଲା ବିଜେପୁର ନିକଟସ୍ଥ ସାଇପାଲିର ତୁମକି ବେହେରା ଓ ସମ୍ବଲପୁର ଜିଲ୍ଲା କତରକେଲା ର ଅଲିଭା ଦେହୁରୀ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ।

# ‘ନିପୁଣ ଓଡ଼ିଶା’ ମେଳା



**ଭବାନୀପାଟଣା, ୧୩।୨ (ସମିସ):** ଗୋବର୍ଦ୍ଧନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ତପନ ଭୋଇ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ ବାଗ, ସାମ୍ବାଦିକ ସନ୍ତୋଷ ତୁଳ, ଗୋପାଳଦାସ ମହାନନ୍ଦ, ନୀଲେଶ ନାଗ, ଶିକ୍ଷୟିତ୍ରୀ ଅନିମା ପଣ୍ଡା, ରଞ୍ଜନ ଛିଆ ପ୍ରମୁଖ ଯୋଗ ଦେଇଥିଲେ। ଗୋବର୍ଦ୍ଧନପୁର କ୍ଲଷ୍ଟର ସଂଯୋଜକ ଗୌରବ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ଶରତ ଚନ୍ଦ୍ର ସାହାଣୀ, ଚିନ୍ତାମଣି ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, ଲୋକନାଥ ହରିଜନ, ରଞ୍ଜନ ବୁଦ୍ଧିଆ, ମହେଶ୍ୱର ମାଝୀ, ଗୁଣନିଧି ଛତ୍ରିଆ, ମାନସ ରଞ୍ଜନ ଦୀପ, ବିଷ୍ଣୁ ଆଡଜୁଆଡ଼, ଗୌର ମାଝୀ, ଦୈତାରୀ ମାଝୀ, ବୈଷ୍ଣବ ବାଗ, ଲିଙ୍ଗରାଜ ସାହୁ, କୁନ୍ଦଜା ବାରିକ, ଯଶୋବନ୍ତୀ ମାଝୀ, ନଳିନୀକାନ୍ତି ମାଝୀ, ଅନିମା ପଣ୍ଡା, ଆର. ଭି ସନ୍ଧ୍ୟାରାଣୀ, ଧନୁ ନାୟକ, କବିରାଜ ଶବର, ସସ୍ମିତା ମିଶ୍ର, ଗୀତାଞ୍ଜଳି ପୁରୋହିତ, ଦୀପ୍ତିଚନ୍ଦ୍ର ସାହୁ, ବଦ୍ରି ନାରାୟଣ ନାଗ, ମହେନ୍ଦ୍ର ନାଥ ସିଂ, ସମୀର ପୁଝାରୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିରେ ଗୋବର୍ଦ୍ଧନପୁର କ୍ଲଷ୍ଟରର ୧୬ଟି ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

**ଚାରବାହାଲ:** ଜୁନାଗଡ଼ ବ୍ଲକ ଚାରବାହଲ କ୍ଲଷ୍ଟରର ସାଗରପଡ଼ା ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ସତ୍ୟଭାମା ପଣ୍ଡା, ରାମନାରାୟଣ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉମେଶ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ଲକ୍ଷ୍ମୀକାନ୍ତ ସିଂ, ୱାର୍ଡମେମ୍ବର ରୁଳି ସିଂ, ବେଣୁଧର ପାନ, ବିରଞ୍ଚି ସିଂ, ଜଗନ୍ନାଥ ବାଣ୍ଡିଚୋଡ, ଶଶାଙ୍କ ସିଂ, ଟଙ୍କଧର ନାଗ, ଶ୍ରାବଣୀ ସାମନ୍ତରାୟ, ନମିନି ନିରୁପମା ଶବର, ଅର୍ଚ୍ଚନା ବାରିକ, ସ୍ୱାଗତିକା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ଶବର ଧନ୍ୟବାଦ ଦେଇଥିଲେ।

# ରାଧାବଲ୍ଲଭ ମଠରେ ଆଧାତ୍ମିକ କାର୍ଯ୍ୟକ୍ରମ

**ବୀରମହାରାଜପୁର, ୧୩।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଭାଲୁଡୁଙ୍ଗୁରୀ ଗ୍ରାମର ଶୃଙ୍ଗଦରସ୍ଥିତ ରାଧାବଲ୍ଲଭ ମଠ ପରିସରରେ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପୀ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।ଫାଲଗୁନ କୃଷ୍ଣପକ୍ଷ ତୃତୀୟା ତିଥିରେ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ।ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗକ୍ରମେ କଳସ ଯାତ୍ରା, ସୁନ୍ଦରକାଣ୍ଡ ପାରାୟଣ, ନାମଯଜ୍ଞ, ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଓ ସାଧୁସେବାର ଆୟୋଜନ କରାଯିବ ବୋଲି ମଠର ମହନ୍ତ ସନତ କୁମାର ଦାସ କହିଛନ୍ତି। ରାମାୟଣ ପାରାୟଣରେ ବ୍ୟାସ ଗାୟକ ଭାବେ ଗୁଲୁ ମିଶ୍ର ସୁନ୍ଦର କାଣ୍ଡ ପାଠ କରିବେ। ୧୭ ତାରିଖ ଦିନ ଏଠାରେ ନିର୍ମିତ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଓ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହଙ୍କୁ ମନ୍ଦିରରେ ପ୍ରବେଶ କରାଯିବ। ୧୮ ତାରିଖରେ ନାମଯଜ୍ଞର ପୂର୍ଣ୍ଣାହୁତି, ସାଧୁସେବା ଓ ପ୍ରସାଦସେବନ ବ୍ୟବସ୍ଥା କରାଯିବ ବୋଲି ମଠ ମହନ୍ତ ତଥା କମିଟି ସୂତ୍ରରୁ ପ୍ରକାଶ।

# ଭତ୍ତା ବୃଦ୍ଧି ନ ହେଲେ ତୀବ୍ର ଆନ୍ଦୋଳନ



**ଭବାନୀପାଟଣା, ୧୩।୨(ସମିସ):** ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନ ତରଫରୁ ଭବାନୀପାଟଣା ଜୋରପଡ଼ାର ୪୦ରୁ ଅଧିକ ଭତ୍ତା ହିତାଧିକାରୀଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଯାଇଛି। ବୈଠକରେ ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡା ଯୋଗ ଦେଇଥିଲେ। ୧୭ରେ ବଜେଟ୍ ଉପସ୍ଥାପନ ସମୟରେ ମୋହନ ସରକାର ପ୍ରତିଶ୍ରୁତି ପାଳନ କରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା (ବର୍ଦ୍ଧିତ) ବାବଦରେ ବଜେଟ୍‌ରେ ଉଲ୍ଲେଖ କରନ୍ତୁ। ନଚେତ୍ ତୀବ୍ର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ନିରୋଦ ରାଉତ, ନାରୀନେତ୍ରୀ କବିତା ରାଉତ, ଚାଷୀ ନେତା ଲିଙ୍ଗରାଜ ପ୍ରଧାନ ଓ ମଧୁଲାଲ ନାଏକ ଉଦ୍‌ବୋଧନ ଦେଇଥିଲେ। ଶ୍ରୀୟା ଚନ୍ଦନ ଓ ସୌମ୍ୟରଞ୍ଜନ କର ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ୪ର୍ଥ ଦିନ

# ଜଗା ୟୁନାଇଟେଡ୍ କ୍ଲବ୍ ଭୁବନେଶ୍ୱର ବିଜୟୀ

**ବଲାଙ୍ଗିର, ୧୩।୨(ସମିସ)**

ବଲାଙ୍ଗିର ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଚତୁର୍ଥ ଦିନରେ ପହଞ୍ଚିଛି। ବୁଧବାର ବିଏନ୍‌ଏଏ ଜରସିଂହା ବଲାଙ୍ଗିର ବନାମ ଜଗା ୟୁନାଇଟେଟ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ହୋଇଥିଲା। ଅନୁଷ୍ଠାନର ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବରେ ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବରେ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ବିଜୟା ନନ୍ଦ ସେଠୀ, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ପ୍ରଦୀପ କୁମାର ପାତ୍ର, ବିଶିଷ୍ଟ ଚାଷୀ ନେତା ଆକାଶ ମିଶ୍ର ସମେତ ସମ୍ପାଦକ ଜଗନ୍ନାଥ ମିଶ୍ର ମଞ୍ଚାସିନ ଥିଲେ। ମନୋଜ କୁମାର ମିଶ୍ର ଓ ମଧୁ ବନଛୋର ଟିମମାନଙ୍କୁ କୋଡିନେଟ କରିଥିଲେ। ଖେଳାଳି ସୁଧାଂଶୁ ସେଠ୍ ଓ କେଶରୀ ନନ୍ଦନ ମଛଖଣ୍ଡଙ୍କୁ ସମ୍ମାନିତ କରାଯାଇଥିଲା। ମ୍ୟାଚ କମିଶନର ଭାବରେ ଶରତ କୁମାର ନନ୍ଦ ଦାୟିତ୍ୱ ତୁଲାଇଥିବା ବେଳେ ଦୋଳ ଗୋବିନ୍ଦ ମୁଣ୍ଡା, ସୁଶାନ୍ତ କୁମାର ନାଗ, ନର୍ସି ସ୍ୱାମୀ ନାଇଡୁ, ସଞ୍ଜୀବ କୁମାର ମହାରଣା, ଜ୍ୟୋତି ରଞ୍ଜନ ମହାନନ୍ଦ ଖେଳ ପରିଚାଳନା କରିଥିଲେ। ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ତିନି ଶୂନ ଗୋଲରେ ବିଏନଏଏ ଜରାସିଂହା ବଲାଙ୍ଗିର ଠାରୁ ବିଜୟ ହାସଲ କରିଥିଲା। ଭାଗ୍ୟଶାଳି ଦର୍ଶକ ନେପାଳ ବାଗ ଚାହା କପ୍ ସେଟ୍ ପୁରସ୍କାର ପାଇଥିଲେ। ଉମେଶ ପୁଟେଲ ଓ ପପୁ ସିଂଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପବିତ୍ର ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପାତ୍ର, ଟିକୁ ପରିଛା, ମନୋଜ ଦୀପ, ପ୍ରଦୀପ ସିଂହ, କିଶୋର ଦଣ୍ଡସେନା, ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ରାମ ନାଏକ, ଅରୁ ରଞ୍ଜନ ମହାପାତ୍ର, ବଦ୍ରି ମିଶ୍ର ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, କମ୍ପୁ ତ୍ରିପାଠୀ, ସୋନୁ ପଟ୍ଟନାୟକ, ମୁନା ପାଳ, ନିତ୍ୟା ପଧାନ, ରମା ମିଶ୍ର, ଇନ୍ଦ୍ର ନନ୍ଦ, ପୃଥ୍ୱୀରାଜ ବରାଡ଼, ନିଶାର କାନ୍ତ ନାଗ, ରାଜୁ ସାହୁ, ପ୍ରଦୀପ ସାହୁ, ସନତ ତ୍ରିପାଠୀ, ମଣ୍ଟୁ ମିଶ୍ର, ପିଣ୍ଟୁ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।



# ବେଲପଡ଼ାରେ ବନ୍ଧକ ଶ୍ରମ ନିରାକରଣ ଦିବସ ପାଳିତ




**ବେଲପଡ଼ା, ୧୩।୨(ସମିସ):** ବେଲପଡ଼ା ବ୍ଲକ ପ୍ରଶାସନ ତରଫରୁ ବିଭିନ୍ନ ଏନଜିଓଙ୍କ ମାଧ୍ୟମରେ ଏକ ଦାଦନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର ଏବଂ ସେମାନଙ୍କ ସୁରକ୍ଷା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ମାଧ୍ୟମରେ ଶ୍ରମିକ ଚାଲାଣ ମୁକ୍ତ ‘ଆମ ପଞ୍ଚାୟତ’ ଏକ ଶୀର୍ଷକ ଅଭିଯାନ ଆରମ୍ଭ ହୋଇଛି। ବେଲପଡ଼ା ଏକ ଦାଦନ ପ୍ରବଣ ଅଞ୍ଚଳ ହୋଇଥିବାରୁ ଏଠାରୁ ପ୍ରତିବର୍ଷ ହଜାର ହଜାର ଦାଦନ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବହୁ ଶ୍ରମିକ ସେଠାରେ ନିର୍ଯାତନାର ଶିକାର ହେଉଥିବାବେଳେ ଉପଯୁକ୍ତ ନ୍ୟାୟ ପାଇଁ ପାରୁନାହାନ୍ତି। ଅନ୍ୟପଟେ ଦାଦନ ଶ୍ରମିକ ମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବାକୁ ଦାବି ହେଉଛି। ଏହି କାର୍ଯ୍ୟକ୍ରମରେ ବେଲପଡ଼ା ବିଡିଓ ରାଜେଶ ମେହେର, ଥାନା ଅଧିକାରୀ ଅନନ୍ତ ପଧାନ, ସିଡିପିଓ ବିଦ୍ୟୁତ ପ୍ରଭା ନାଗ, ଏବିଡିଓ ସାରଥୀ ସାହୁ, ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ଶ୍ରମ ବାହିନୀର ପ୍ରିୟୁଷ ନନ୍ଦ, ମିଠୁଇଲ ପାନୀ ପ୍ରମୁଖ ଉପସ୍ଥିତ ଥିଲେ।

